ଶିକ୍ଷା ସନ୍ଦେଶ-୧

ମୁଁ ଇସ୍କୁଲ୍ ଯିବି

କୁଆନ୍ ହୁଆ

ସାମ୍ପ୍ରତିକ

Digitized by srujanika@gmail.com

ମୁଁ ଇସ୍କୁଲ୍ ଯିବି

ମୂଳ ଲେଖା	କୁଆନ୍ ହୁଆ (ଚୀନ୍)
ଓଡ଼ିଆ ରୂପାନ୍ତର	ବିଜୟକୃଷ୍ଣ ପଟ୍ଟନାୟକ ବିନୟକୃଷ୍ଣ ପଟ୍ଟନାୟକ
ଅଙ୍କନ	ଶେନ୍ ୟାଓ-ୟି
ପ୍ରକାଶକ	ମାନବିକ, ତୋଟାସାହି, ମାଷ୍ଟରପଡ଼ା, ଫୁଲବାଣୀ-୭୬୨୦୦୧ ଫୋନ୍ : (୦୬୮୪୨) ୫୩୨୬୬
ଅଙ୍ଗସଜ୍ଜା	ଓରିକନ୍ କମ୍ପ୍ୟୁଟରସ୍, ଭୁବନେଶ୍ୱର
ମୁଦ୍ରଣ	ପଦ୍ମା କମର୍ସିଆଲ୍, ଭୁବନେଶ୍ୱର
ସହଯୋଗ ରାଶି	ଦଶ ଟଙ୍କା ମାତ୍ର
ପ୍ରକାଶ କାଳ	ଶିଶୁ ଦିବସ, ୧୯୯୭

ମାନବିକ ... ଏକ ଶିକ୍ଷା ଓ ବିଜ୍ଞାନପ୍ରେମୀ ପରିବାର । ଏ ଦିଗରେ ଆଗ୍ରହୀ ପ୍ରତ୍ୟେକ ବନ୍ଧୁ ଏହି ପରିବାରର ଜଣେ ସଭ୍ୟା/ସଭ୍ୟ ଅଟନ୍ତି । ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକ ସହଯୋଗୀ ସମ୍ପର୍କ ବଢ଼ାଇ ଶିକ୍ଷାର ଅସଲ ମର୍ମକୁ ଖୋଜାଇବା ପାଇଁ ଏହାର ବିଭିନ୍ନ ଉଦ୍ୟମ ଚାଲୁରହିଛି । ବିଜ୍ଞାନ, ଶିକ୍ଷା କର୍ମଶାଳା, ଶିବିର,ରଚନାତ୍ମକ ପୁସ୍ତକ ଓ ପତ୍ରିକା ପ୍ରକାଶନ ଆଦି ମାଧ୍ୟମରେ ସମାଜରେ ଏକ ସୃଜନଶୀଳ ଓ ବିଜ୍ଞାନ ପ୍ରେମୀ ଦୃଷ୍ଟିକୋଣକୁ ବଢ଼ାଇବା ପାଇଁ ଏହା ଏକ ଦଳଗତ ପ୍ରୟାସ ।

● **Going to School** ● Original English - *Kuan Hua* ● Illustrator - Shen Yao-yi ● Oriya Transcreation - Bijoy Krushna Pattanayak, Binaya Krushna Pattanayak ● Publisher - Manavik ● Publication Period - Children's Day, 1997.● Price - Rs. 10.00

Digitized by srujanika@gmail.com

ମୁଁ ଇସ୍କୁଲ ଯିବି

ମୂଳ ଲେଖା	ଜୁଆନ୍ ହୁଆ
ଓଡିଆ ରୂପାନ୍ତର	ବିଜୟକୃଷ୍ଣ ପଟ୍ଟନାୟକ
	ବିନୟକୃଷ୍ଣ ପଟ୍ଟନାୟକ
ଅଙ୍କନ	ଶେନ୍ ୟାଓ-ୟି
ଯୋଗାଯୋଗ ଠିକଣା	ମାନବିକ,
	ତୋଟାସାହି, ମାଷ୍ଟରପଡା,
	ଫୁଲବାଣୀ-୭୬୨୦୦୧
	ଫୋନ୍ : (୦୬୮୪୨) ୫୩୨୬୬

Digitized by srujanika@gmail.com

ଏ ବହିଟି କାହିଁକି ?

ଚୀନ୍ ଦେଶର ଏହା ଏକ ଛୋଟିଆ କାହାଣୀ । ଏହା ଏକ ସତ ଘଟଣା । ଏଥିରେ ପାଠ ପଢ଼ିବା ପାଇଁ ଆଇରନ୍ ବୟର ଆଗ୍ରହ ଓ ଉଦ୍ୟମକୁ ଜାଣିଲେ ପାଠକଙ୍କୁ ଆନନ୍ଦ ମିଳିବା ସାଙ୍ଗକୁ 'ଶିକ୍ଷା' ନାମକ ଆଲୋକଶିଖାଟି ପ୍ରତି ନିଜର ଆଦର ବି ବଢ଼ି ଯାଇପାରିବ । ପୃଥିବୀର ପ୍ରତ୍ୟେକ ଛୁଆ ପରି ଆଇରନ୍ ବୟ୍ ବି ପାଠ ପଢ଼ିବାକୁ ଚାହିଁଛି । 'ପାଠ' କହିଲେ ତା' ମନରେ କ'ଣ ଥିଲା, ଏହା ଆମେ କଳନା କରିବା କାଠିକର କଥା । କିନ୍ତୁ ଗାଁର ଅନ୍ୟ ପିଲାମାନଙ୍କ ପରି ସ୍କୁଲରେ ଏକାଠି ହୋଇ ମିଳିମିଶି ବିଭିନ୍ନ ମଉଜିଆ କାମ କରିବା ଓ ନୂଆ ନୂଆ କଥା ଜାଣିବା ପାଇଁ ପ୍ରତ୍ୟେକ ପିଲା ହାଉଯାଉ ହୁଏ । ବିଶେଷ କରି ଦଳରେ, ନୂଆ ନୂଆ 'ସାଙ୍ଗ'ଙ୍କ ମେଳରେ, ପ୍ରତ୍ୟେକ ପିଲା ଅଫୁରନ୍ତ ଆନନ୍ଦ ପାଇଥାଏ । ଏଥିସହ ତା'ର ଶିଖିବା, ଶିଖାଇବା ଓ ଖୋଲିଯିବାର ବାଟଟି ଖୋଲିଯାଏ ।

କିନ୍ତୁ ଭାବନ୍ତୁ ତ ... ଯଦି 'ଶିକ୍ଷକ' ଚାଇ ସେଠାରେ ନଥାନ୍ତେ ? ତାଙ୍କୁ ବାଦ ଦେଇଦେଲେ ଏହି କାହାଣୀଟି ଦିଗହରା ହୋଇଗଲା ପରି ଲାଗୁଛି । ଆମ ଦେଶର ଅଧିକାଂଶ ଶିକ୍ଷକ ସେହି ଶିକ୍ଷକ ଚାଇଙ୍କର ଭୂମିକାଟିକୁ ନିରେଖି ଦେଖିବା ନିହାତି ଜରୁରୀ । ଆମର ଅଧିକାଂଶ ଶିକ୍ଷିକା, ଶିକ୍ଷକ 'ଶିକ୍ଷକତା' କରିବା ପରିବର୍ତ୍ତେ ଶଖିଲା ବେପାର ଚଳାଇଛନ୍ତି । ଖୁବ୍ କମ୍ ଶିକ୍ଷିକା, ଶିକ୍ଷକଙ୍କୁ ଛାଡିଦେଲେ ଅଧିକାଂଶ କେବଳ ଶିକ୍ଷା ନାମକ ଏକ ଓଜନିଆ ଶବ୍ଦ ଲେଖାଥିବା 'ପଦକ'କୁ ଛାତିରେ ଝୁଲାଇ ପରଜୀବୀ ସାଜିଛନ୍ତି । ସେମାନଙ୍କ ଶୋଷଣ ଯୋଗୁଁ ଆମ ଦେଶର ଶିକ୍ଷା ରୂପକ 'ବୃକ୍ଷ'ଟି ଆଜି ଜୀବନ ହରାଇବାକୁ ବସିଲାଣି । ଆଗରୁ ଗୋରାମାନଙ୍କ 'ଚେରକଟା ଅଭିଯାନ' ସାଙ୍ଗକୁ ଆଜିର ଏହି 'ପୋକ'ଙ୍କ ଆକ୍ରମଣ ସତ୍ତ୍ୱେ

Digitized by srujanika@gmail.com

ଗଛର କଙ୍କାଳଟି ଯଦି ତଥାପି ଭୂଇଁରେ ଠିଆ ହୋଇ ରହିଛି, ତେବେ ତାହା ସେଇ ଅତି ମୁଷ୍ଟିମେୟ ଶିକ୍ଷାପ୍ରେମୀ ଶିକ୍ଷିକା ଓ ଶିକ୍ଷକଙ୍କ ଦ୍ୱାରା, ଯେଉଁମାନେ ଶିକ୍ଷକ ଚାଇଙ୍କ ପରି କିଛିଟା 'ଶିକ୍ଷକ' ସାଜିଛନ୍ତି । ଶିକ୍ଷାପ୍ରେମୀଙ୍କର ସଂଖ୍ୟା ନ ବଢ଼ିଲେ ଶିକ୍ଷା ଚାଲିବ କେମିତି ?

ଏହି କାହାଣୀଟିରୁ ଶିକ୍ଷାପ୍ରେମୀମାନଙ୍କୁ ଆନନ୍ଦ ଓ ବିଶ୍ୱାସ ମିଳିପାରିବ । ପଢୁପଢୁ ନିଜ ସାଙ୍ଗସାଥି ଓ ଛୁଆପିଲାଙ୍କୁ ଏହା ଶୁଣାଇବାକୁ ଇଚ୍ଛା ହେବ । ଫଳରେ ଶିକ୍ଷାର ସନ୍ଦେଶ ପ୍ରସାରିତ ହେବ ଓ ଦେଶର ଶିକ୍ଷା ବୃକ୍ଷକୁ ଉଧାଇବାକୁ ସାହାଯ୍ୟ କରିବା ପାଇଁ ଶିକ୍ଷାପ୍ରେମୀମାନଙ୍କ ସଂଖ୍ୟା ଓ ଉଦ୍ୟମ ବଢ଼ିପାରିବ ।

ମାନବିକ ପରିବାର

Digitized by srujanika@gmail.com

ଚୁମ୍ବକରେ ଏ ବହିଟି....

ଏହା ଉତର ଚୀନ୍‌ର ଏକ ପାହାଡିଆ ଗାଁର ଜଣେ କୁନି ପିଲାର ସଚିତ୍ର କାହାଣୀ । ଆଠ ବର୍ଷର ଏହି ଛୁଆଟିର ନାଁ ଆଇରନ୍ ବୟ । ଗରିବୀ ଯୋଗୁଁ ସେ ସ୍କୁଲ ପଢାର ସୁବିଧା ପାଇପାରି ନଥିଲା । ସେତେବେଳେ ଚୀନ୍‌ରେ ଜାପାନ୍‌ର ଆଧିପତ୍ୟ (୧୯୩୭-୪୫) ବିରୁଦ୍ଧରେ ପ୍ରତିରୋଧ ଯୁଦ୍ଧ ଚାଲିଥାଏ । ଆଇରନ୍ ବୟ୍‌ର ମାଆ ପୁଅର ପାଠ ପଢିବା ଇଚ୍ଛାକୁ ସାକାର କରିବା ପାଇଁ ନିଜ କୁକୁଡାଟିର ୧୦୦ଟି ଅଣ୍ଡାକୁ ସଞ୍ଚୟ କରିଥିଲା । କିନ୍ତୁ ତା'କୁ ଛଡାଇନେଲେ ଜମିଦାରର ଗୋଲାମମାନେ । ତା'ପରେ ଆଇରନ୍ ବୟ୍‌ର ଶିକାରୀ ଜେଜେ ଚମଡା ବିକି ତା'ର ପଢା ଚାନ୍ଦା ପାଇଁ କିଛି ପଇସା ଆଣିଦିଅନ୍ତି । କିନ୍ତୁ ଦୁଷ୍ଟ ଜମିଦାର ପିଲାଟିକୁ ସ୍କୁଲରୁ ତଡିଦିଏ । ଏପରିକି ସେହି ସ୍କୁଲଟିର ଶିକ୍ଷକଙ୍କୁ ମଧ୍ୟ, ଯିଏ ଏହି ପାଠରଙ୍କା ଛୁଆଟିକୁ ସହଯୋଗ କରନ୍ତି ।

ପରବର୍ତ୍ତୀ କାଳରେ କମ୍ୟୁନିଷ୍ଟ ପରିଚାଳିତ ଅଷ୍ଟମ ସ୍ଥଳ ସେନାବାହିନୀ ଦ୍ୱାରା ଗାଁଟି ସ୍ୱାଧୀନ ହୁଏ; ଗାଁରେ ଲୋକଶକ୍ତି ପ୍ରତିଷ୍ଠିତ ହୁଏ । ଗାଁର ଗରିବମାନେ ଦୁଷ୍ଟ ଜମିଦାରକୁ ବହିଷ୍କାର କରନ୍ତି ଓ ଗାଁରେ ସ୍କୁଲଟିଏ ଆରମ୍ଭ କରନ୍ତି । ଆଇରନ୍ ବୟ୍ ଓ ଅନ୍ୟ ଅବହେଳିତ ପିଲାମାନେ ପାଠ ପଢିବାର ସୁଯୋଗ ପାଆନ୍ତି ।

ଏହି ସଚିତ୍ର କାହାଣୀଟିରେ ସେ ସମୟରେ ଚୀନ୍‌ରେ ସାମାଜିକ ଅବସ୍ଥାର ଏକ ଝଲକ ଦେଖିବାକୁ ମିଳିଥାଏ । ଏଥିରେ ଗରିବ ଚାଷୀଙ୍କ ଠାରୁ ଦୁଷ୍ଟ ଜମିଦାରର ନିଷ୍ଠୁର ଶୋଷଣର ଏକ ସ୍ପଷ୍ଟ ଚିତ୍ର ରହିଛି । ଏହି ଦୁର୍ଦ୍ଦିନ ସମୟରେ ଆଠ ବର୍ଷର କୁନି ଛୁଆ ଆଇରନ୍ ବୟ୍ କିପରି ଶତ୍ରୁ ବିପକ୍ଷରେ ଦୃଢ ଭାବରେ ଲଢିଛି, ଏହି କୁନି ବହିଟି ତା'ର ଏକ ମୂକସାକ୍ଷୀ ।

Digitized by srujanika@gmail.com

ଚୀନ ସେତେବେଳେ ସ୍ୱାଧୀନ ହୋଇ ନଥାଏ । ସେ ସମୟରେ ଦେଶରେ ରାଜା ଜମିଦାରମାନଙ୍କ ଅତ୍ୟାଚାରରେ ଗରିବ ଗୁରୁବାଙ୍କ ଦୁଃଖ କହିଲେ ନ ସରେ । *ଚିୟାଂଚୁଁ* ନଈକୂଳରେ *ଲୁନ୍ ଘୁ* ' ନାମକ ଗାଁଟିଏ ଥିଲା । ସେଇ ଗାଁରେ ଆଠ ବରଷର ପିଲାଟିଏ ଥିଲା । ନାଁ ତା'ର *ଆଇରନ୍ ବୟ୍* । ଗାଁରେ ସବୁ ପିଲା ସ୍କୁଲରେ ପାଠ ପଢୁଥାଆନ୍ତି । ହେଲେ ସେ ସମସ୍ତେ ଥିଲେ ଧନୀ ଘରର ପୁଅଝିଅ ।

Digitized by srujanika@gmail.com

ତା' ବାପା *ଜୁ' ପେଇ ସିଉଙ୍ଗ୍* ଜଣେ ମଜୁରିଆ । କାମ ମିଳିଲେ ଗାଁ ଜମିଦାର ଆଉ ଧନୀ ଲୋକଙ୍କ ମୂଲ ଲାଗେ । ତା' ଭେଭେ *ଜୁ' ଟୀ-ପେଙ୍ଗ୍* ବଣ ପାହାଡରେ ବୁଲି ଶିକାର କରେ । ପେଟ ପୋଷିବାକୁ ଭୟଙ୍କର ଶୀତ ସହି, ଖରା ତରାରେ ବୁଲେ । ଏତେ କଷ୍ଟ ସହି କାମ କଲେ ବି ଅନେକ ଦିନ ତା' ଘରେ ଚୁଲି ଜଳେନି । ଆଉ ଇମିତି ଅବସ୍ଥାରେ ଆଇରନ୍ ବୟ୍‌କୁ ସ୍କୁଲରେ ପଢେଇବାକୁ ପଇସା କାହିଁ ?

ହେଲେ, ପିଲାଟିର ମନ ଥାଏ ସ୍କୁଲରେ । ରାତି ନାଇଁ ଦିନ ନାଇଁ, ନିଇତି ସେ ଘରେ ଅଳି କରେ ସ୍କୁଲକୁ ଯିବାକୁ । ସେ ଦିନ ସେମିତି ବାପା ପାଖରେ ଅଳି କଲା । ବାପା ଜୁ' ପେଇ ସିଉଙ୍ଗ୍‌ର ମନ ଭଲ ନଥାଏ । ଝାଳନାଳ ହୋଇ ସେ କାମରୁ ଫେରିଥାଏ । ଅବୁଝା ପୁଅର ଅଳିରେ ତା' ମୁଣ୍ଡକୁ ପିତ୍ତ ଉଠିଗଲା । କଷି କରି ସେ ତା'କୁ ଚାପୁଡେ ଦେଲା । ପିଲାଟିର ମନ ମରିଗଲା । ମୁହଁ ବୁଲେଇ କାମରେ ଲାଗିଲା । କାଠି କୁଟା ଗୋଟେଇଲା । ମାଆ ସାଥିରେ ବଣବିଲରେ ବୁଲିଲା ।

ଆଉ ଦିନକର କଥା । ଆଇରନ୍ ବୟ୍ ଯାଉଥିଲା । ବାଟରେ ସ୍କୁଲ । ଭିତରେ ପିଲେ ପଢୁଛନ୍ତି । ପଦାକୁ ସେମାନଙ୍କ କୋଳାହଳ ଶୁଭୁଛି । ତା' ମନ ଟାଣି ହୋଇଗଲା । ଠିଆ ହୋଇ ସେ ଏହାକୁ ଶୁଣିଲା । ମାଆର ହାତଟିକୁ ଭିଡି ଧରିଲା । ତା' ଟିକି ଟିକି ଶୁଖିଲା ଆଙ୍ଗୁଠିରେ ମାଆକୁ ଟାଣି ତା' କୋଳରେ ମୁଣ୍ଡଟି ଗେଞ୍ଜିଦେଲା । ଆଖିରେ ତା'ର ଲୁହ ଭରି ଯାଇଥିଲା । ଜାମାରେ ଚାପିଦେଇ ଉଠି ଆସୁଥିବା କୋହକୁ ଦବେଇ ଦେଲା । ପାଟିରୁ ତା'ର କଥା ବାହାରୁ ନଥାଏ ।

ମାଆ ସବୁ କଥା ଜାଣିଛି । ପିଲାର ମନର କୋହକୁ ସେ ବୁଝିଲା । ଦୁଃଖରେ ଦୀର୍ଘ ନିଃଶ୍ୱାସଟିଏ ଛାଡି ପିଲାଟିକୁ କୋଳରେ ଜାବୁଡି ଧରିଲା । କହିଲା, ''ମୁଁ ଜାଣିଚି । ସେମାନଙ୍କୁ ଇସ୍କୁଲରେ ଦେଖି ତୁ ସହି ପାରୁନୁ ।''

Digitized by srujanika@gmail.com

ପୁଅକୁ ଥାପୁଡେଇ କହିଲା, ''ଆମ ଛିଟି ଛିଟିକିଆ କୁକୁଡା ଅଣ୍ଡା ଦେଲାଣି ତ । ମୁଁ ତା'ର ସବୁ ଅଣ୍ଡା ସାଇତି ରଖିବି । ଶହେଟା ହେଇଗଲେ ତା'କୁ ବିକି, ସେଇ ପଇସାରେ ତୋତେ ଇସ୍କୁଲରେ ପଢେଇବି ।''

ଆଇରନ୍ ବୟର ଛାତି କୁଣ୍ଢେମୋଟ ହୋଇଗଲା । ସେଇ ଦିନଠୁ ସିଏ ଖାଲି ଅନେଇଥାଏ ସେଇ କୁକୁଡାଟିକୁ । ଦିନରେ କେତେ ଥର ଯେ ସେ ଅଣ୍ଡା ଗଣେ, ତା'କୁ ଜଣା । ଥରକୁ ଥର ପେଢି ଉପରେ ଚଢି ସେ ଅଣ୍ଡା ପାଛିଆଟିକୁ ଦେଖେ, ଗଣେ । ପୋକଜୋକ ଗୋଟେଇ ଆଣି ସେଇ କୁକୁଡାକୁ ଖାଇବାକୁ ଦିଏ । ପାଛିଆଟା ଗୋଟେ କାଗଜ ପେଡି । ରାତିରେ

Digitized by srujanika@gmail.com

ସେ ପେଢିର ଦୁଆର ବନ୍ଦ କରେ । ତା' ମୁହଁରେ ଇଟା ପଥର ରଖିଦିଏ କାଳେ ବିଲେଇ କି ନେଉଳ ଖାଇଯିବ । ଏଥିରେ ତା'ର ଭୁଲ ହୁଏନି ।

ଅନେଇ ରହିଥାଏ, କୁକୁଡାର ଅଣ୍ଡା ଦେବାକୁ । ଅଣ୍ଡା ନ ଦେଲେ ମୁହଁ ଫୁଲେଇ ବସେ । ସେ ଦିନ କୁକୁଡାକୁ ଆଦର କରେନି ।

ସେ ଦିନ ରାତିରେ ସେ ମାଆ ପାଖରେ ଶୋଇଥିଲା । ନିଦରେ ଠୋ ଠୋ ହୋଇ ହସି ଉଠିଲା । ମା' ଉଠି ବସିଲା; ତାକୁ ଉଠେଇଲା । ପଚାରିଲାରୁ ମାଆ କାନରେ ଫୁସ୍ ଫୁସ୍ କରି କହିଲା "ମୋ ଅଣ୍ଡା ଶହେଟା ହୋଇଗଲା, ମୁଁ ଗଣିଛି । କାଲିକି ମୁଁ ଇସ୍କୁଲ ଯିବି ।"

"ନାଇଁରେ, କଅଣ ଇମିତି କହୁଛୁ ?" ମାଆ ତା' କଥାକୁ ସୁଧାରି ନେଲା । "ଆମେ ତ କାଲିରାତିରେ ଗଣିଥିଲୁ । ସବୁ ତ ଅଣଚାଶଟି ହୋଇଥିଲା ।"

ତା' ପରେ, ମାଆ ଶୁଣିଲା । ପୁଅର କୋହ ଉଠୁଛି । ତା'କୁ ସେ କୋଳକୁ ଟାଣି ନେଲା । ଜାବୁଡି ଧରି ଥାପୁଡେଇ ଦେଇ କହିଲା "ଦୁଃଖ

Digitized by srujanika@gmail.com

କରନି, ସେ ଦିନ ନିଶ୍ଚୟ ଆସିବ । ଆମେ ଅଣ୍ଡା ବିକିବା, ଆଉ ତୁ ଇସ୍କୁଲ ଯିବୁ !''

Digitized by srujanika@gmail.com

୨

ଶୀତରେ ଅଣ୍ଡା ଶହେ ହୋଇଗଲା । ବଜାରକୁ ବିକିବାକୁ ନେବାକୁ ଆଇରନ୍ ବୟ୍ ଝୁଡିଟିଏ ଆଣିଲା । ସେଥିରେ ପାଳ ଭର୍ତ୍ତି କରି ଅଣ୍ଡାଗୁଡିକୁ ସେଥିରେ ରଖିଲା । ପଖାଳଖିଆ ପରେ ସେ ମାଆ ସାଙ୍ଗରେ ବଜାରକୁ ଯିବ । ତା' ମନ ଚେଇଁ ଉଠି ନାଚୁଥିଲା । ପଖାଳ ମୁଠେ ଖାଇ ଦେଇ ସେ ଝୁଡିଟିକୁ ଉଠେଇଲା । ବେଶ୍ ଓଜନିଆ ହୋଇ ଯାଇଥିଲା ଝୁଡିଟି । ମାଆକୁ ବେଗେ ବାହାରିବା ପାଇଁ ସେ ତରତର କଲା ।

ହଠାତ୍ ଘଡଘଡି ମାରିଲା ପରି ଶୁଣାଗଲା । ଗାଆଁ ଚଉକିଆ ଡାକ ପକେଇଛି : "ଶାନ୍ତି ସଂରକ୍ଷଣ ପରିଷଦ .....''। ପରିଷଦର ପ୍ରଧାନକର୍ତ୍ତା *କାଓ ହାଇ-ଚେନ୍* ଆଉ ସହରର ମୁଖିଆ *ଟାଇ ଲୁଙ୍ଗ୍-ହୋଇ* ବଡ ପାଟିରେ ସାହିରେ ଆଦେଶ ଦେଉଥିଲେ । ଏହା ଘର ଭିତରକୁ ଶୁଭୁଥିଲା । ତାଙ୍କ ଦୁଷ୍ଟ ବୁଦ୍ଧି ଆଉ ଲୋକଙ୍କୁ ହଇରାଣରେ ପକେଇ ଦଣ୍ଡ ଦେବା କାମ ପାଇଁ ଲୋକେ ତାଙ୍କୁ *'ନରକ ରାଜନର ଦ୍ୱିତୀୟ ରଜା'* ବୋଲି ନାଆଁ ଦେଇଥିଲେ ।

"ତମର ଶସ୍ୟ ଆଉ ପଇସା ପଇଠ କର ।'' ଆଦାୟ କରୁଥିବା ଲୋକଟି ଖିଁକାରିଲା ପରି କହୁଥିଲା, "ଏଇଟା ଆଦାୟ କରିବା ସମୟ ବୋଲି ତମେମାନେ କ'ଣ ଜାଣ ନାହିଁ ? ଏହା ଜାପାନ ସମ୍ରାଟଙ୍କ ସୈନ୍ୟବାହିନୀର ଆଦେଶ ... ... ।''

ଆଇରନ୍ ବୟର ମା' ବାସନ୍ ମାଜିଲାବେଳକୁ ଏ ଆଦେଶ ଶୁଣିପାରିଲା । ତା' ଦିହସାରା ଥରି ଉଠିଲା । ମେରୁ ହାଡ ଭିତରୁ ସନ୍ନିପାତ ଯେମିତି ଘୋଟି ଆସୁଥିଲା । ମୁହଁଟା ଶେଥା ପଡି ଯାଇଥିଲା । ସେ ଭିତର ଘରକୁ ଧାଇଁଗଲା । ଆଇରନ୍ ବୟକୁ କହିଲା, "ତୁ ନରକ ରଜାର କଥା ଶୁଣିପାରୁନୁ ? ସେମାନେ ଶସ୍ୟ ନେବାକୁ ଆସିଛନ୍ତି । ଅଣ୍ଡାଗୁଡିକୁ ବେଗେ

Digitized by srujanika@gmail.com

ଲୁଚେଇ ଦେ ।'' ସେ ପୁଅ ହାତରୁ ଝୁଡ଼ିଟି ଝଅଟ ନେଇଯାଇ ପେଡ଼ି ଭିତରେ ରଖିଦେଲା ।

''ସିଏ ଯଦି ପେଡ଼ି ଭିତର ଦେଖିବ ?'' ଆଇରନ୍ ବୟ୍ ବିକଳରେ କହିଲା । ମାଆ ସେ କଥାରେ ସତ ଅଛି ବୋଲି ବୁଝିପାରିଲା । ଲୁଚେଇ ରଖିବାକୁ ଜାଗାଟିଏ ଖୋଜି ବୁଲିଲା । ବଡହାଣ୍ଡି ଭିତରେ ଝୁଡ଼ିଟିକୁ ରଖିଦେଲା । କିନ୍ତୁ ସେଇଟା ମଧ୍ୟ ନିରାପଦ ନୁହେଁ ବୋଲି ତା'ର ମନେ ହେଲା । କାରଣ, ସେଇଟା ଶସ୍ୟ ରଖିବା ଜାଗା ପରି ଦିଶୁଥିଲା । ବାଡ ଦୁଆରଟିକୁ ବଂଦ କରିଦେବାକୁ ଆଇରନ୍ ବୟ୍‌କୁ କହି ସେ ଢେଙ୍କିଙ୍କ ବଖରାକୁ ଧାଇଁଲା । ସେଇଠି ବୁଢାର ଛିଣ୍ଡା କୋତରା ଶେଯ ପଛରେ ଝୁଡ଼ିଟିକୁ ଲୁଚେଇ ଦେଲା ।

ମଝି ଘରକୁ ଆସିଲା ବେଳକୁ ସେ ଦେଖିଲା ସେଇ 'ନରକର ଦ୍ୱିତୀୟ ରାଜା' ତା' ବାଡ ଭିତରକୁ ପଶି ଆସିଲାଣି । ହାତରେ ତା'ର ପିଟା ଘଣ୍ଟା । ଗଧିଆ ବାଘପରି ଆଗକୁ ଝୁଙ୍କିପଡି ସେ ମାଡି ଆସୁଥିଲା । ଫଁ ଫଁ ନିଃଶ୍ୱାସ ମାରି ସେ ହାତକୁ ହଲାଉଥାଏ । ଦେହରେ ଝଲମଲ କରୁଥିଲା ତା'ର ରେଶମର ଗାଉନ୍ ଆଉ ମୁଣ୍ଡରେ ଥିଲା ଏକ ପାଉଁଶିଆ ଟୋପି, ପାଦରେ ମୋଟା ପଶମ ଜୋତା ଏବଂ ରେଶମ କନାର ପୋଷାକ ପାଦ ଯାଏଁ ପିନ୍ଧି ସେ ଝଟକି ଉଠୁଥିଲା, ଆଉ ଗରଜି ଉଠୁଥିଲା । ତଳିଆ ସିପାହୀଟିଏ ତା' ପଛରେ ଗୋଡାଉଥିଲା ।

''ଆମେ ଶସ୍ୟ ଆଦାୟ କରିବାକୁ ଆସିଲାବେଳେ ତୁ କେଉଁ ସାହସରେ ବାଡ ଦୁଆର ବନ୍ଦ କରୁଥିଲୁ ? ତୁ ଭାବିଛୁ, ତୁ ବାଡ ବନ୍ଦକରି ରହିଯିବୁ ? ଶାସକ କାଓ ଠାରୁ ?'' ତା'ପରେ ଆଇରନ୍ ବୟ୍‌ର ମାଆକୁ ଗାଳି କଲା ପରି କହିଲା, ''ତୁ ଶସ୍ୟ ଧରି ଆସି ଆମକୁ ଭେଟିବା ବଦଳରେ, ଦୁଆର ବନ୍ଦ କରିବାକୁ ତୋ' ପିଲାକୁ କହିଥିଲୁ ? ଶସ୍ୟ ଆଦାୟରେ ତୁ ମୁଣ୍ଡବୁଲା ଦେଖଉଛୁ ?''

Digitized by srujanika@gmail.com

''ଆମର ତ ଖାଇବାକୁ ସୁଦ୍ଧା ଶସ୍ୟ ନାହିଁ ।'' ଆଇରନ୍ ବୟ ମାଆ କରୁଣ ସ୍ୱରରେ କହିଲା । ''ଆମେ କ'ଣ ଭଲା ଏବେ ଦେଇପାରିବୁ ?''

ଏତିକି କହି ସେ ପଖାଳ କଂସାଟିକୁ ତା' ନାକ ପାଖଯାଏଁ ନେଇ ଦେଖେଇଲା । କିନ୍ତୁ ଏଥିରେ ସେ ଆହୁରି ଅଧିକ ଗର୍ଜି ଉଠିଲା ଓ କଠୋର ସ୍ୱରରେ କହିଲା, ''ସବୁ ମିଛ ।'' ସ୍ୱରକୁ ଆହୁରି ତେଜି କହିଲା, ''ତୋର ତ ଶସ୍ୟ କିଛି ନାହିଁ, ଆଉ ତୁ ଦିନ ଦି' ପହରଟାରେ ଦୁଆର କାହିଁକି ବଂଦ କରୁଥିଲୁ ?''

''ମୋ କୁକୁଡାଟା ବାହାରକୁ ନ ଯିବା ପାଇଁ ମୁଁ ଦୁଆରଟା ବନ୍ଦ କରିଥିଲି ।'' ଆଇରନ୍ ବୟ୍ ଜବାବ ଦେଲା । ''ଏଥିରେ କ'ଣ ଭୁଲ ହୋଇଗଲା ?''

ଜମିଦାରର ଶସ୍ୟ ଆଦାୟ କରିବା ଗୋଲାମୀଟି ଆଇରନ୍ ବୟ୍‌କୁ ଆଖି ତରାଟି ଚାହିଁଲା । ମାରିଥାନ୍ତା କି କ'ଣ, ତା' ମୁଣ୍ଡରେ ଆଉ କିଛି ବୁଦ୍ଧି ଢୁକିଲା । ବାରିଆଡକୁ ଆଖି ବୁଲେଇ ସେ ତା'ର ଜଗୁଆଳକୁ ଆଦେଶ ଦେଲା, ''ଆଚ୍ଛା, ଶସ୍ୟ ଯଦି କିଛି ହେଲେ ନାହିଁ, ତାହାହେଲେ ଆମେ ତା' କୁକୁଡାଟାକୁ ନେଇଯିବା ।''

ଆଇରନ୍ ବୟ୍ ଏତିକି ଶୁଣିବା କ୍ଷଣି ତା' କଉତୁକିଆ କୁକୁଡାଟିକୁ ରକ୍ଷା କରିବାକୁ ଧାଇଁଗଲା । କିନ୍ତୁ ସେ ଜଗୁଆଳକୁ ଅଟକେଇ ପାରିଲା ନାହିଁ । ହେଲେ ଏଥିରେ କୁକୁଡାଟି ଚମକି ଉଠିଲା, ଡେଣା ଫଡ୍ ଫଡ୍ କରି ଉଡିଗଲା । ତା'କୁ ହରେଇଥିଲେ କି ଦୁଃଖରେ ସେ ପଡିଥାନ୍ତା ! ସେଇ କୁକୁଡାଟିକୁ ଛାଡିଦେଲେ, ସେ ସ୍କୁଲରେ ଭଲା କେତେ ଦିନ ରହନ୍ତା !

କୁକୁଡାଟା ଏବେ ଅଗଣା ଭିତରେ ବୁଲୁଥିଲା । ତା'କୁ ଧରି ନେବାର ବିପଦ ମଧ ଥିଲା । ଆଇରନ୍ ବୟ୍ ଧାଇଁ ଯାଉଯାଉ କହିଲା, ''ମୁଁ ତା'କୁ

Digitized by srujanika@gmail.com

Digitized by srujanika@gmail.com

ଧରିନେବି । କୁକୁଡାଟା ମୋତେ ଜାଣିଛି ତ ...''

ଜଗୁଆଳ ନିଜେ କୁକୁଡାଟିକୁ ଧରି ନପାରି ଅଣନିଃଶ୍ୱାସୀ ହୋଇ ଯାଇଥିଲା । ତେଣୁ ସେଥିରେ ସେ ଖୁସି ହୋଇ ଅଟକିଗଲା ।

''ହଁ, ସେଇଟା ଠିକ୍ ହେବ'' ସେ କହିଲା, ''ଆମ ପାଇଁ କୁକୁଡାଟି ଧରିଦେଲେ, ତୋର ଦୁଆର ବଂଦ କରିବା ଦୋଷରୁ ତୋତେ କ୍ଷମା ମିଳିଯିବ ।''

ଆଇରନ୍ ବୟ୍ ଅତି ସହଜରେ କୁକୁଡାଟିକୁ ଧରି ନେଲା । କିନ୍ତୁ ଜଗୁଆଳ କୁକୁଡାଟିକୁ ଧରିବା ଆଗରୁ ତା'କୁ ସେ ଉଡେଇଦେଲା । କୁକୁଡା ଡେଣା ଝାଡି କାନ୍ଥ ଡେଇଁ ପଡିଶା ଘର ଅଗଣା ଆଡକୁ ଉଡିଗଲା । ଜଗୁଆଳ ଗରଗର ହୋଇଉଠିଲା ।

''ସେଇଟା ଆମକୁ ଦେ', ଏ ଛତରା ।'' ଆଇରନ୍ ବୟ୍ ବେଶ୍ ଖୁସି ହେବା ଦେଖି ଜଗୁଆଳ ତା'କୁ ନାଲି ଆଖି ଦେଖଉଥିଲା ।

ତା'ପରେ ଆଇରନ୍ ବୟ୍ ଦେଖିଲା, ସେଇ 'ନରକର ରାଜା' ତା' ଅଣ୍ଡା ଝୁଡିଟି ଉଠେଇ ନେଉଛି, ଆଉ ତା' ମାଆ ତା' ପଛରେ ଗୋଡାଉଛି ।

''ଚୋର । ଅଣ୍ଡା ଝୁଡିଟାକୁ ସେଇଠି ରଖ ।'' ସେ ଦାବୀ କଲା ''ସେତିକି ଆମର ସବୁ କିଛି । ପୁଅର ପାଠପଢା ପାଇଁ ମୁଁ ତାକୁ ସାଇତି ରଖିଛି ।''

ସେ ଯେତେବେଳେ ତା' ହାତରୁ ଅଣ୍ଡା ଝୁଡିଟି ନେବାକୁ ଚେଷ୍ଟାକଲା, ସେ ତା'କୁ କଠୋର ଭାବେ ଚାହିଁଲା ଏବଂ ପେଲିଦେଲା ।

ଆଇରନ୍ ବୟ୍ ରାଗରେ ଜଳି ଉଠିଲା । ''ମାଆ, ମୋ ଅଣ୍ଡା ?'' ସେ ଚିତ୍କାର କରି କହିଲା, ଆଉ ଝୁଡିଟି ଟାଣି ଆଣିବାକୁ ଧାଇଁ ଯାଉଥିଲା । କିନ୍ତୁ ଜଗୁଆଳୀ ତା'କୁ ବାଧା ଦେଲା । ତା' ବାହୁକୁ ଭିଡି ଧରିଲା । ନିଜକୁ ଛଡେଇନେବାକୁ ସେ ଯେତେ ଚେଷ୍ଟାକଲେ ବି ପାରିଲାନି । ତା' ଆଖି

Digitized by srujanika@gmail.com

ଆଗରେ ତା' ଅଣ୍ଡାଗୁଡିକୁ ସେମାନେ ଲୁଟି ନେଇଗଲେ । ଶେଷରେ ଆଇରନ୍ ବୟ୍ ଢଗୁଆଳର ବନ୍ଧୁକ ଧରିଥିବା ହାତଟାକୁ କାମୁଡି ଧରିଲା; ସେ ଯନ୍ତ୍ରଣାରେ ପାଟିକଲା, ''ଯା' ପଳା, ଟିକି ଶଇତାନ୍ । ନଚେତ୍ ତୋତେ ମୁଁ ଗୁଳି କରିଦେବି ।''

ଢଗୁଆଳ ପିଲାଟିର ମୁଣ୍ଡରେ ଜୋର୍‌ରେ ଗୋଟେ ଆଘାତ ଦେଲା । ଆଇରନ୍ ବୟ୍‌ର ମୁଣ୍ଡ ଘୂରିଗଲା । କଚାଡିହୋଇ ତଳେ ପଡିଗଲା । ଚାରିଦିଗ ତା'କୁ ଅନ୍ଧାର ଦିଶିଲା । ତା' ମାଆ ଧାଇଁ ଆସି ତାକୁ ଛାତିରେ ଜାବୁଡି ଧରିଲା । ଏଇ ସମୟରେ ଢଗୁଆଳ ଚାଲିଗଲା ।

Digitized by srujanika@gmail.com

୩

ନିରକର ରାଜା କାଓ ହାଇ-ଚେନ୍, ଗାଁ ଭିତରେ ବୁଲି ବୁଲି ସବୁ ଘରୁ ଶସ୍ୟ ଆଦାୟରେ ଲାଗିଥାଏ । ତା' ସାଥିରେ ତା'ର ଢଗୁଆଳ ଚାଲିଥାଏ । ଏ କାମରେ ଲାଗିଥିଲାବେଳେ ମଧ୍ୟ ସେ ଗାଳି ଗୁଲଜ କରି ଚାଲିଥାଏ । "ହଁ, ତାହା ହେଲେ କୁ'ତା'-ପେଇ୍ ତା' ନାତିକୁ ସ୍କୁଲକୁ ପଠେଇବ ଭାବୁଛି ! ବେଙ୍ଗୁଲି ହେଇ ବତକ ମାଉଁସ ଖାଇବ ବୋଲି ସପନ ଦେଖୁଚି !! କିମିତି ସେ ସେଥିପାଇଁ ପଇସା ଦେଇପାରିବ ବୋଲି ଯେ ଭାବୁଚି !"

ଢେଙ୍କେ କୁ' ଶିକାରରୁ ଫେରି କାଓ କହିଥିବା କଥା ସବୁ ଶୁଣିଲେ । ରାଗରେ ପାଚି ଗଲେ ସେଇ ରାଗରେ ସେ ଦୁଇଟା ଗଧିଆ ଛାଲ ଧରି ବଜାରକୁ ଗଲେ । ନାତିର ପାଠ ପଢା ପାଇଁ ଦି'ଟା ବିକି ପଇସା ଆଣିଲେ ।

ବଜାରରୁ ଘରକୁ ଫେରି ଆଇରନ୍ ବୟର ମାଆକୁ କହିଲେ, "ତୁ ଏଇ ସମୟରୁ ତା'କୁ ଇସ୍କୁଲ ପଠାଇ ପାରିବୁ ।" ପଇସାତକ ଶେଯ ଉପରେ ଥୋଇଦେଇ ବୁଢା ପୁଣି ଶିକାର ପାଇଁ ଚାଲିଗଲେ ।

ଆଇରନ୍ ବୟ୍ ମାଆ ତା' ମୁହଁ, ହାତ ଧୁଆ-ଧୋଇ କରି ସଫା କରିଦେଲା । ତା' ପୋଷାକପତ୍ର ମରାମତି କରିଦେଇ ତା'କୁ ପିନ୍ଧିବାରେ ସାହାଯ୍ୟ କଲା । ପିଲାକୁ କହିଲା, "ଶିକ୍ଷକଙ୍କ କଥା ମାନିବୁ । ଲାଗିପଡି ପଢ ।" ପୁଣି କହିଲା, "ଆମ ପରି ଗରିବ ଲୋକ ଇସ୍କୁଲ ଯିବା ସହଜ କଥା ନୁହେଁ । ସେଇଟା ଆମ ପାଇଁ ବେଶି କଷ୍ଟକର । ଦେଖିଲୁ, ଜେଜେ ଟିକିଏ ହାଲିଆ ମଧ୍ୟ ମାରି ନାହାନ୍ତି, ପୁଣି ଶିକାର ପାଇଁ ଜଙ୍ଗଲକୁ ଗଲେ । ତୋ' ବାପା ତ ଜମିଦାର ଘରେ ଗୋରୁ ପରି ଖଟୁଛି । ସେଥିପାଇଁ ତା'ର ଦେଖା ମଧ୍ୟ ମିଳୁ ନାହିଁ ।"

Digitized by srujanika@gmail.com

ଆଇରନ୍ ବୟ୍ ଏ ସବୁ ବୁଝୁଥିଲା । ମାଆ ତା'କୁ ବିଦାୟ ଦେଲାପରେ, ତା' ମୁହଁରେ ହସ ଫୁଟି ଉଠିଲା; ଭାରି ଖୁସିରେ ସେ ସ୍କୁଲକୁ ଧାଇଁଲା ।

Digitized by srujanika@gmail.com

ସ୍କୁଲ ହତା ଭିତରକୁ ଗଲାବେଳକୁ ତା' ସାଙ୍ଗମାନେ ପଚାରିଲେ, "ତୁ କୁଆଡେ ଯାଉଛୁ, ଆଇରନ୍ ବୟ୍ ?"

"ଶ୍ରେଣୀ ବଖରାକୁ ।" ଅତି ଉଲ୍ଲାସରେ ସେ ସେମାନଙ୍କୁ କହିଲା । ସେ ଯେତେବେଳେ ଏ କଥା ବୁଝାଉଥିଲା, ସେତିକିବେଳେ ସେ ହଠାତ୍ କା' ଦେହ ସହିତ ଧକ୍କା ଖାଇଲା । ସେ ପିଲାଟି ଜୁଆଚୋର ଜମିଦାର ତାଇର ପୁଅ ବୋଲି ସେ ଜାଣିଗଲା । ସେ ଟୋକା ଜାଣିଶୁଣି ଦି' ଗୋଡ ଓସାରି ଆଇରନ୍ ବୟ୍‌ର ବାଟ ଓଗାଳି ଠିଆ ହୋଇଥିଲା । ଆଇରନ୍ ବୟ୍ ବାଟ ଭାଂଗି ତଡେଇ ହୋଇ ଭିତରକୁ ଯିବାକୁ ଚେଷ୍ଟା କଲା । କିନ୍ତୁ ସେଇ 'ଟିକି ସାହୁକାର' ପଖାକୁ ଘୁଂଚି ତା'କୁ ଅଟକେଇଲା । ଥରକୁ ଥର ଏପଟ ସେପଟ ଦେଇ ଭିତରକୁ ଯିବାକୁ ସେ ଯେତେ ଚେଷ୍ଟା କଲା, ସେ ଟୋକାଟା ସେତିକି ପାଖକୁ ଘୁଞ୍ଚି ତା'କୁ ଅଟକେଇ ରଖିଲା ।

ଏମିତି କିଛି ସମୟ ଚାଲିଲା । ଦୁହେଁ ଦୁହିଁଙ୍କ ଉପରେ ଆଖି ରଖିଥାନ୍ତି । ତାଇ ଆଇରନ୍ ବୟ୍‌କୁ ଅଟକେଇବାରେ ଲାଗି ପଡିଥାଏ । ଆଇରନ୍ ବୟ୍ ରାଗରେ ଅଣ-ନିଃଶ୍ୱାସୀ ହୋଇଗଲା । କହିଲା, "କଣ ଭାବି ତମେ ଏହା କରୁଚ ?"

ତା'ଇ ଖୁବ୍ ଜୋର୍‌ରେ ଆଇରନ୍ ବୟ୍‌କୁ ଗୋଟେ ଧକ୍କାଦେଲା; ସେ ପଛକୁ ଗଡି ପଡିଲା । "ଯା', ପଳା । ମୋ ବାପା କହିଛନ୍ତି, ତମମାନଙ୍କ ପରିକା ଲୋକଙ୍କୁ ଏଠାରେ ଅନୁମତି ଦିଆଯାଏ ନାହିଁ ।

କିନ୍ତୁ ଆଇରନ୍ ବୟ୍ ହଟିବା ପିଲା ନୁହେଁ । ପହଣ୍ଡେ ଆଗକୁ ଯାଇ ସେ ପଚାରିଲା, "ଏ ସ୍କୁଲଟା କ'ଣ ତମର ?" ଛାତିଟାକୁ ଫୁଲେଇ ଦି' ହାତ ଆଗକୁ ବଢେଇ ଆଇରନ୍ ବୟ୍ କଟମଟ କରି ତା'ଇକୁ ଚାହିଁଲା । ତା'ଇ କ'ଣ କହିବ, ଭାବିପାରୁ ନଥିଲା । କେବଳ ତା' ନାଲିଆ ଆଖିରେ ମିଟି ମିଟି କରି ଅନେଇ ରହିଥିଲା । ତା' ପରେ ହଠାତ୍ ସେ ଆଇରନ୍

Digitized by srujanika@gmail.com

ବୟ୍‌ର ଛାତି ଉପରେ ଜୋରରେ ବିଧାଟାଏ ମାରି ଚାଲି ଯାଉଥିଲା । କିନ୍ତୁ ଆଇରନ୍ ବୟ୍ ତା' ଠାରୁ ବେଗରେ ଯାଇ ତା'କୁ ଧରି ପକାଇଲା । ତା' ସାର୍ଟକୁ ଧରି ସେ ଟାଣି ଆଣିଲା । ପାଦରେ ଦଳି ଠେଲିଦେଲା । 'ଟିକି ସାହୁକାର' ତଳେ ପଡିଯିବାଟା ସେଠାକାର ଅନ୍ୟ ପିଲାମାନଙ୍କ ପାଇଁ ବେଶ୍ ଗୋଟେ ମଉଜିଆ ଦୃଶ୍ୟ ଥିଲା ।

ତା'ଇ ଝାଡିଝୁଡି ହୋଇ ଉଠି ଠିଆହେଲା । ମୁହଁରୁ ଧୂଳି ନଝାଡି ଆଇରନ୍ ବୟ୍ ଆଡକୁ ପହଣ୍ଡେ ଆଗେଇ ଆସି କହିଲା, "ଏଁ ? ତୁ ମତେ ମାରିବାକୁ ସାହାସ କଲୁ ?" ସେ ଉପହାସ କରି କହିଲା, "ତୁ କ'ଣ ଭାବିଛୁ ତୁ ଖସି ପଳେଇବୁ ? କ'ଣ ତୋ' ଜେଜେ ୟି ହୋ ତୁଆନ୍* ଡାକୁ ଦଳରେ ଥିଲା ବୋଲି ?"

"ୟି ହୋ ତୁଆନ୍ ତ ରାଜା (ସାମ୍ରାଜ୍ୟବାଦ) ବିରୋଧରେ ଲଢିଥିଲେ । କିନ୍ତୁ ତୋ' ବାପା ତ ଜାପାନୀ ରାଜା (ସାମ୍ରାଜ୍ୟବାଦ)ର ଜଣେ ଦଲାଲ ।" ଆଇରନ୍ ବୟ୍ ଉପହାସ କରି ଉତ୍ତର ଦେଲା । ମେଣ୍ଢା ଲଢେଇର ଦୁଇଟି ମେଣ୍ଢାପରି ଦୁହେଁ ଲଢେଇପାଇଁ ତିଆର ହୋଇ ଯାଇଥିଲେ : ଆଖିକୁ ଆଖି, ନାକକୁ ନାକ ସଳଖି ଘୁରି ବୁଲୁଥିଲେ ଦେଖୁଥିବା ପିଲେ ତାଳିମାରି ଉତ୍ସୁକାଉ ଥିଲେ, ଅଧିକା ପିଲେ ଆଇରନ୍ ବୟ୍‌କୁ କିନ୍ତୁ ଅଳ୍ପ କେତେ ଜଣ ଜମିଦାର ପୁଅକୁ ।

ପିଲେ ପୁଣି ଥରେ ହସରେ ଫାଟି ପଡିଲେ କେତେ ଜଣ ତାଳି ମାରି ପାଟି କଲେ, "ପୁଣି ଥରେ । ପୁଣି ଥରେ ସେମିତି କର ।"

ଦି'ଥର ହାରିଲାପରେ ତା'ଇ ବେଶ୍ ଅପମାନିତ ହୋଇ ପଡିଥିଲା ।

---

*(*ଊନବିଂଶ ଶତାବ୍ଦୀର ଶେଷଭାଗରେ ଉତ୍ତର ଚୀନରେ ଏକ ସାମ୍ରାଜ୍ୟବାଦ-ବିରୋଧୀ ସଶସ୍ତ୍ର ଦଳ ଗଢି ଉଠିଥିଲା । ପାଶ୍ଚାତ୍ୟ ଦେଶରେ ସେମାନେ 'ବକ୍ସରସ୍' ନାମରେ ପରିଚିତ ଥିଲେ । ଚୀନରେ ଏହା ଜଣାଶୁଣା ।)*

Digitized by srujanika@gmail.com

ପାଖରେ ପଡିଥିବା ଖଣ୍ଡେ ଝିକର (ଟାଇଲ୍) ଖଣ୍ଡ ଉଠେଇ ଆଇରନ୍ ବୟ୍ ଉପରକୁ ମାରିଲା । କିନ୍ତୁ ଆଇରନ୍ ବୟ୍ ତଡେଇ ହୋଇପଡି ନିଜକୁ ବଂଚେଇ ନେଲା । ଝିକର ଖଣ୍ଡଟି ଜଣେ ଝିଅର ମୁଣ୍ଡରେ ଯାଇ ବାଜିଲା; ତା'ର ମୁଣ୍ଡଫାଟି ରକ୍ତ ବୋହିଲା । ଝିଅଟି କାନ୍ଦି ଉଠିଲା । କେତେଜଣ ବଡପିଲା ଶିକ୍ଷକଙ୍କୁ ଜଣେଇବାକୁ ଧାଇଁଲେ ।

ଶିକ୍ଷକ ଚାଇ ୟୁନ୍-ଶେଙ୍ଗ୍ ଶୁଣିବାକ୍ଷଣି ସ୍କୁଲ ହତାକୁ ଧାଇଁ ଆସିଲେ । ସେ ସ୍କୁଲରେ ଜଣେ ନୂଆ ଶିକ୍ଷକ ଗୋଟିଏ ଗାଆଁ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରୁ ସ୍ନାତକ ଉପାଧି ପାଇ ସେଠାକୁ ଆସିଥାନ୍ତି । ପତଳା, ଶେତା ଚେହେରା, ବାଳ ଅଲରା, ଖଣ୍ଡେ ନେଳିଆ କପା କାମିଜ ପିନ୍ଧିଥାନ୍ତି । ଝିଅଟିର ଆଘାତ ସ୍ଥାନରେ ସେ ପଟି ବାନ୍ଧି ଦେଲେ । ତା'ପରେ ଘଟଣା ବିଷୟ ପଚାରି ବୁଝିଲେ । ସବୁ ବୁଝିଲାପରେ ତା'ଙ୍କୁ ଭଲକରି ଶୋଧିଲେ, କଡା ଭାଷାରେ ଗାଳିଦେଇ ସତର୍କ କରିଦେଲେ ।

Digitized by srujanika@gmail.com

କିନ୍ତୁ ଶିକ୍ଷକ ଚାଇ କଡ ବୁଲେଇ ଯିମିତି ଯିବାକୁ ବାହାରିଛନ୍ତି, ସେଇ ଦୁଷ୍ଟ ତା'ଇ ଝାମ୍ପି ପଡି ଆଇରନ୍ ବୟର କାମିଜକୁ ଭିଡି ଧରିଲା । ଚାଇ ଦୁହିଁଙ୍କୁ ଅଲଗା କଲେ । ତଥାପି ତା'ଇ ଆଗକୁ ପୁଣି ଡେଇଁ ପାଟି କରୁଥିଲା ଓ ଧମକ ଦେଉଥିଲା । ଏଥିରେ ଶିକ୍ଷକ ଚାଇ ମଧ୍ୟ ତାତି ଯାଇଥିଲେ । ସେ ତା'ଇକୁ ପଛକୁ ଠେଲିଦେଇ ଆଇରନ୍ ବୟର ହାତ ଧରି ଶ୍ରେଣୀ କୋଠରୀକୁ ନେଇଗଲେ । ସେତିକିବେଳେ ତା'ଇ ଗର ଗର ହୋଇ ଘରମୁହାଁ ଧାଇଁଲା ।

ଶିକ୍ଷକ ଚାଇ ଶ୍ରେଣୀର କାମ ଆରମ୍ଭ ପାଇଁ ଘଣ୍ଟା ବଜେଇଲେ । ପିଲେ ଧାଡିବାନ୍ଧି ଶ୍ରେଣୀକୁ ଯିବାକୁ ବାହାରିଥାନ୍ତି । ସେଇ ସମୟରେ ସ୍କୁଲ ହତାକୁ ଜଣେ ଲୋକ ପଶି ଆସିଲା । ମନେ ହେଉଥିଲା, ସତେ ଯେମିତି କାଳପୁରୁଷଟା ସେଠାକୁ ଆସିଗଲା ।

Digitized by srujanika@gmail.com

‘‘ଟିକି ସାହୁକାରଙ୍କ ମୁଣ୍ଡ ଉପରେ ଯେଉଁ ଚଢେଇ ବସା ବାନ୍ଧିଛି, ତା’କୁ ପାଣି ଦିଅ’’ ବୋଲି ସେ ରଡି କରି କହୁଥିଲା । ମୋ ସାହୁକାର ତା’କୁ ଭାତ ଦେଉଛନ୍ତି, ତଥାପି ସେ ଟିକି ସାହୁକାରଙ୍କୁ ବିରକ୍ତ କରିବାକୁ ସାହାସ କଲା ? ଉପକାରୀ ପାଖରେ କୃତଜ୍ଞ ହୋଇ ମୁଣ୍ଡ ନୁଆଁଇବା ବଦଳରେ ତା’ ବିରୁଦ୍ଧରେ ଏମିତି ମୁଣ୍ଡବୁଲା କାମ ?’’

ଆଇରନ୍ ବୟ୍ ତା’ କାମିଜର ଖଣ୍ଡେ ଦେଖେଇ ଶିକ୍ଷକଙ୍କୁ ସତର୍କ କରିଦେଲା, ‘‘ନରକର ଦ୍ୱିତୀୟ ରାଜା ଆସୁଛି । ପଦାକୁ ଚାହାଁନ୍ତୁ । ସେ ଆପଣଙ୍କ ପିଛା ଲାଗିବ ।’’

‘‘ମୁଁ ଭୟ କରେ ନାହିଁ ।’’ ଶିକ୍ଷକ ଚାଇ ଉତ୍ତର ଦେଲେ । କିନ୍ତୁ ସେଇ ଲୋକଟା (କାଓ ହାଇ-ଚେନ୍) ଯିଏ କି ଜମିଦାର ଭଣ୍ଡାର ଜଗୁଆଳୀ, ସେଇ ଆଇରନ୍ ବୟ୍ ଉପରେ ଛେପ ପକେଇଲା ଆଉ ହାତ ମୁଠା ଉଠେଇ କହିଲା, ‘‘କାଙ୍ଗାଳ, ଶାନ୍ତି ସଂରକ୍ଷଣ ସମିତି ପାଇଁ ତୋ ପାଖରେ ପଇସା ନାଇଁ, କିନ୍ତୁ ସ୍କୁଲକୁ ଯିବାକୁ ପଇସା ଅଛି । ଯା’ ଏଠାରୁ । ଟିକି ସାହୁକାର ତାଙ୍କ ସ୍କୁଲ ହତାରେ କୌଣସି ଭିକାରୀ ପାଦ ପକାଇବାକୁ ମନା କରିଛନ୍ତି ।

ଆଇରନ୍ ବୟ୍ ତା’ ଆଡକୁ ପାହୁଣ୍ଡେ ଆଗେଇଯାଇ ପଚାରିଲା, ‘‘ଏଇଟା କ’ଣ ତମର ସ୍କୁଲ ?’’ ପୁଣି କହିଲା, ‘‘ଯଦି ସେପରି ହୁଏ, ତାହାହେଲେ ସ୍କୁଲଟାକୁ ତା’ଇର ଘର ହତା ଭିତରକୁ ନେଇଯାଉ ନାହିଁ କାହିଁକି ?’’

ଜଗୁଆଳ ମାରିବାପାଇଁ ହାତ ଉଠେଇଲା । କିନ୍ତୁ ଶିକ୍ଷକ ଚାଇ ଆଗକୁ ମାଡିଆସି ଠିଆ ହୋଇ ତା’କୁ ବଂଚାଇଦେଲେ । ସେ ଲୋକଟିକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ଦାବୀ କରି କହିଲେ, ‘‘ଯାହାହେଲେ ବି ତମେ କାହିଁକି ଏ ଭିତରକୁ ଆସିଛ ?’’

Digitized by srujanika@gmail.com

ଜଗୁଆଳ କିପରି ଏକ କଦର୍ଯ୍ୟ ଭାବରେ ଅନେଇ ଫେରି ଯାଉ ଯାଉ କହୁଥିଲା, ''ମୁଁ କାହିଁକି ଏଠାକୁ ଆସିଛି ? ତୁମେ କ'ଣ ଭାବୁଛ ? ମୁଁ ତୁମ ରକ୍ତ ପିଇଯିବି । ତମେ ମୋର ଟିକି ସାହୁକାରକୁ ଖରାପ ବ୍ୟବହାର କରିଛ, ନୁହେଁ ?''

ଆଇରନ୍ ବୟ୍ ଆଉ ସହି ପାରିଲା ନାହିଁ । ଶିକ୍ଷକଙ୍କ ପଛରୁ ଆଗକୁ ଡେଇଁପଡି ଚିହାର କରି କହିଲା, ''ଶିକ୍ଷକ ଖରାପ ବ୍ୟବହାର କଲେ ? ତମ ଟିକି ସାହୁକାର ତା' କରିଛି । ଝିକର ଫିଙ୍ଗି ସେ ଜଣେ ଝିଅର ମୁଣ୍ଡ ଫଟାଇ ଦେଇଛି ।''

ଶିକ୍ଷକ ଆଇରନ୍ ବୟ୍‌କୁ ନିବର୍ତ୍ତେଇଲେ । ତା' ସଂଗେ ସଂଗେ ଜଗୁଆଳକୁ ପଚାରିଲେ, ''ଆମକୁ କୁହ, ତୁମେ ସତରେ କାହାକୁ ଏପରି ଗାଳି ଦେଉଛ ?''

''ତୁମେ ଜାଣ ମୁଁ କାହାକୁ ଗାଳି ଦେଉଚି ।'' ଛୁରୀ ଭୃଷିଲାପରି ସେ ଶିକ୍ଷକଙ୍କୁ ଚାହୁଁଥିଲା, ସତେ ଯେପରି ସେଥିରେ ସାରା ଜଗତର ସବୁ ଗରିବମାନଙ୍କ ପ୍ରତି ତା'ର ଘୃଣା ପ୍ରକାଶ ପାଉଥିଲା । ''ତୁମେ ମୋର ଟିକି ସାହୁକାରକୁ ଖରାପ ବ୍ୟବହାର ଦେଖେଇବାକୁ କୁ' ପରିବାରର ଏ ସିଂହ ଛୁଆଟାକୁ ସାହାଯ୍ୟ କରିଛ । ନୁହେଁ ?''

ଶିକ୍ଷକ ଟାଇ ରାଗରେ ଫାଟି ପଡିଲେ । ତାଙ୍କ ଆଖିରୁ ନିଆଁ ବାହାରୁଥିଲା । ସେ ପାଟିକରି କହିଲେ, ''ମନେରଖ, ଏଇଟା ଗୋଟିଏ ସ୍କୁଲ । ଅନ୍ୟମାନଙ୍କୁ କିପରି ବ୍ୟବହାର ଦେଖାଯିବା ଦରକାର, ପିଲାଙ୍କୁ ତାହା ଶିକ୍ଷା ଦେବା ଶିକ୍ଷକଙ୍କ କର୍ତ୍ତବ୍ୟ- ସିଏ 'ଟିକି ସାହୁକାର' ହେଉ କିମ୍ବା ନ ହେଉ । ଆଉ ତୁମେ, କି ପ୍ରକାର ଲୋକ କହିଲ ? ଈର୍ଷ୍ୟାରେ ଶିକ୍ଷକଙ୍କୁ ମଧ ତାଚ୍ଛଲ୍ୟ କରିବା ଏବଂ ଆମର ବିଦ୍ୟାଳୟକୁ ଅବାଟକୁ ନେବା ତମର

Digitized by srujanika@gmail.com

କାମ ।'' ରାଗରେ ଶିକ୍ଷକ ଚାଇ ଥରି ଉଠୁଥିଲେ । ଜଗୁଆଳକୁ ସେଇ ଥରିଲା ଆଙ୍ଗୁଠିରେ ଦୁଆର ଦେଖେଇ ବାହାରି ଯିବାକୁ ସେ ଆଦେଶ ଦେଲେ ।

Digitized by srujanika@gmail.com

"ତା' ହେଲେ....." ଜଗୁଆଳର କଥା ଶୁଣା ଯାଉଥିଲା । ସେ କାମିଜକୁ ସଜାଡି ଆଖି ମିଟିକେଇ ଗୋଟେ ହୁଁକାର ଦେଇ କହୁଥିଲା, "ଏଇଟା ତୁମକୁ ଠିକଣା ଜାଗାରେ ପହଂଚେଇ ଦେବ ।" ସେ ମୁଠା ଭିଡି ଶିକ୍ଷକଙ୍କ ମୁହଁ ଉପରକୁ ମାରିବାକୁ ହାତ ଉଠେଇଲା ।

ଶିକ୍ଷକ ଚାଇ ଜମିଦାରଙ୍କ ସେଇ ଜଗୁଆଳର ବାହୁକୁ ଧରି ପକେଇ ଗୋଟେ ଶକ୍ତ ଧକ୍କା ଦେଲେ । ସେ ଏହା ଆଶଙ୍କା କରି ନଥିଲା । କାରଣ ସବୁ ଗାଁ ବାସିନ୍ଦା ତା'କୁ ଘୃଣା କରୁଥିଲେ ମଧ ତା' ଦେହରେ ଏ ଯାଏଁ କେହି ଟିପ ମାରିବାକୁ ସାହସ କରି ନଥିଲେ । ସେ ପୁଣି ଥରେ ଶିକ୍ଷକଙ୍କୁ ଗାଳି କରି ବଡିମା ଦେଖେଇ ପୁଣି ଥରେ ଆକ୍ରମଣ କଲା । ଆଖି ତରାଟି ଆଁ କରି ଶିକ୍ଷକଙ୍କ ପାଖରେ ପହଚିଲା ବେଳକୁ ଆଇରନ୍ ବୟ୍ ମୁଠେ ବାଲି ଗୋଟେଇ ତା' ଆଖି ଓ ତୁଣ୍ଡ ଭିତରକୁ ଫିଙ୍ଗି ଦେଲା ଏବଂ ତା' ଆକ୍ରମଣକୁ ବିଫଳ କରିଦେଲା । ଆଖି ଆଉ ପାଟିରୁ ବାଲି କାଢିବାକୁ ସେ ଛେଚି କଚାଡିହୋଇ ଛେପ ପକାଉଥିଲା ଏବଂ ପ୍ରଳାପ କଲାପରି ଚିହ୍ନାର କରି କହୁଥିଲା, "ଏହା ଏକ ବର୍ବର ଅତ୍ୟାଚାର । କେବଳ ବର୍ବରତା । ହଉ, ଦେଖେ ଏଥର, କ'ଣ ହେଉଚି ।"

ସେଇଦିନ ଶିକ୍ଷକ ଚାଇଙ୍କୁ କାମରୁ ବହିଷ୍କାର କରି ଦିଆଗଲା ଏବଂ ସେଦିନ ହିଁ ଗାଁ ଛାଡି ଚାଲିଯିବାକୁ ଆଦେଶ ଦିଆଗଲା । ଜମିଦାର ତା'ଇ ଆହୁରି ମଧ ଆଦେଶ କରିଥିଲେ, ତାଙ୍କୁ ବିଦାୟ ଦେବାକୁ ମଧ କାହାରିକୁ ଅନୁମତି ଦିଆଯିବ ନାହିଁ । ତାଙ୍କର ଜିନିଷ ଗାଡିକୁ ବୋହି ନେବାକୁ ମଧ ଅନୁମତି ଦିଆଯିବ ନାହିଁ । ନିର୍ଭୀକ ଶିକ୍ଷକ ଚାଇ ତାଙ୍କ ଶେଯରେ ଲୁଗାପଟା ବାନ୍ଧି ପିଠିରେ ନିଜେ ବୋହି ବାହାରି ପଡିଲେ ।

ତେବେ ସେ ଅଧିକ ବାଟ ଯିବା ଆଗରୁ ପଛରୁ ତାଙ୍କୁ କେହି ଡାକୁଥିବା ଶୁଣିଲେ । ଆଇରନ୍ ବୟ୍ ତାଙ୍କ ପାଖକୁ ଧାଉଁଥିଲା । ସେତେବେଳକୁ ଶରତ

Digitized by srujanika@gmail.com

ଋତୁ ମଝାମଝି ସମୟ । ବେଶ୍ ଥଣ୍ଡା ପଡିଥାଏ । ଆଇରନ୍ ବୟ୍ କିନ୍ତୁ ପତଳା କନାର ସାର୍ଟ ଆଉ ତାଳିପକା ପେଣ୍ଟ୍‌ଟିଏ ପିନ୍ଧିଥାଏ । ପିଲାଟି ଦି' ହାତରେ ତା' ଶିକ୍ଷକଙ୍କୁ କୁଣ୍ଢେଇ ଧରିଲା । ତା' ଆଖିରେ ଦୁଃଖ ଭରି ରହିଥିଲା, ତା' ଗାଲ ଦେଇ ଲୁହ ଗଡି ଯାଉଥିଲା ; ''ଶିକ୍ଷକ, ମୁଁ କ'ଣ କେବେ ଇସ୍କୁଲକୁ ଯାଇପାରିବି ?'' ସେ ଧକେଇ ଧକେଇ କାନ୍ଦୁଥିଲା ।

''ଅଷ୍ଟମ ରୁଟ ସେନାବାହିନୀ (Eight Route Army) ଗାଁକୁ ମୁକ୍ତ କଲାପରେ ତୁମପରି ସବୁ ପିଲେ ସ୍କୁଲକୁ ଯିବେ ।'' ପିଲାଟିର ମୁଣ୍ଡକୁ ସାଉଁଳେଇ ଶିକ୍ଷକ ଉତ୍ତର ଦେଲେ । ତା'ପରେ ସେ ଖେତ ପଦର ଦେଇ ଆଗକୁ ଚାଲିଲେ ।

ଆଇରନ୍ ବୟ୍ ସେଇଠି କିଛି ସମୟଧରି ଠିଆହୋଇ ଚାହିଁ ରହିଥିଲା, ସେଇ ଫେରି ଯାଉଥିବା ମଣିଷଟିକୁ । ପାଦ ତଳେ ତା'ର ଶୀତଳ କାକର ଭିଜା ଘାସ, ଆଉ ଉପରେ ଧୂସର ଆକାଶ । ଦୂରରୁ ଦୂରକୁ ଯାଇ ଶିକ୍ଷକ ଅଦୃଶ୍ୟ ହେବାଯାଏଁ ସେ ବିକଳ ଆଖିରେ ଅନେଇ ରହିଥିଲା ।

ବହୁ ଦୂରରୁ ବଡ ବଡ ବନ୍ଧୁକର ଶବ୍ଦ ଅସ୍ପଷ୍ଟ ଭାବେ ଶୁଣାଗଲା । ''କେବେ ସେଇ ଅଷ୍ଟମ ସେନାବାହିନୀ ଆସିବ, ଆଉ ଆମକୁ ମୁକ୍ତ କରିବ ?'' ଆଇରନ୍ ବୟ୍ ନିଜକୁ ନିଜେ ପଚାରୁଥିଲା ।

Digitized by srujanika@gmail.com

୪

ସେଇଟା ଶୀତକାଳ । କୁହୁଡି ପୂରା ଗାଁଟିକୁ ଘେରି ରହିଥାଏ । ପ୍ରତି ରାତିରେ ବହଳିଆ ତୁଷାର ଘୋଡେଇ ପକେଇ ଥାଏ ଛାତ, କାନ୍ଥବାଡ, ଗଛଲତା ଓ ସବୁଜ ଶୀତ କାଳୀନ ଗହମ ଫସଲ । ସୂର୍ଯ୍ୟ ଉଇଁବା ଆଉ ବୁଡିଯିବା ସମୟରେ ଗାଢ ଲାଲ ଓ ସୁନେଲି ରଂଗର ମେଘ ଦିଗ୍‌ବଳୟ ଯାଏଁ ଲମ୍ବିଯାଏ, ଆଉ ଚିୟାଂଚୁଁ ନଈର କୂଳ ରଙ୍ଗୀନ୍ ହୋଇଉଠେ ।

ଶୀତ ଋତୁସାରା ବନ୍ଧୁକର ଗୁଳି ଶବ୍ଦ ଶୁଭୁଥିଲା । ପିଲାମାନେ ସେ ଶବ୍ଦ ଶୁଣି ଆନନ୍ଦରେ ତାଳିମାରି ଗାଉଥିଲେ:

ଆକାଶ ଲାଲ୍,
ମାଟି ମା' ଲାଲ୍,
ପତାକା, ଘୋଡା, ଡେଣ୍ଟା ବି ଲାଲ୍,

ଆସୁଛି ମାଡି ଅଷ୍ଟମ ସେନା
ଡଡା ଖାଇବେ ଏ ଚୋର ଦଲାଲ୍ ।

ଲୋକେ ନିଜ ଘରେ, ସାହିରେ ଆଉ ନଈ କୂଳରେ ବେଶ୍ ଉତ୍ସାହିତ ଥିଲେ । ସେମାନଙ୍କର ମୁହଁ ଉଜ୍ଜଳ ହୋଇ ଉଠୁଥିଲା ଏବଂ ଆଖିରେ ଆଶାର ଆଲୋକ ଫୁଟି ଉଠୁଥିଲା । ଛାତି ଭିତର ଆବେଗରେ ସେମାନେ ପରସ୍ପରକୁ ଖବର ଦେବାରେ ଲାଗିଥିଲେ, "ଅଷ୍ଟମ ବାହିନୀ ଜଲ୍‌ଦି ଏଇଠି ପହଂଚିଯିବ ।"

ଗୋଟେ ରାତିରେ ଅଷ୍ଟମ ବାହିନୀର ଗୋଟିଏ ଆଗୁଆ ଦଳ ଲୁନ୍ ଘୁ' ଆସି ପହଂଚିଗଲେ । ଆଇରନ୍ ବୟର ବାପା, ଜେଜେ ଏବଂ ଗାଆଁର ବୟସ୍କ ଲୋକେ ତାଙ୍କ ପାଇଁ ଜାଳେଣି ଓ ଖାଦ୍ୟ ସଂଗ୍ରହ କଲେ ଏବଂ ଏଇ

Digitized by srujanika@gmail.com

Digitized by srujanika@gmail.com

'ଲୋକ ଫଉଜ' (People's Troops) ପାଇଁ ରହିବା ଜାଗା ଠିକ୍ କରିବାରେ ସାହାଯ୍ୟ କଲେ ।

ଗାଆଁ ଲୋକେ ଦରକାରୀ ଜିନିଷ ସବୁ ଜମା କରିବା ସଂଗେ ସଂଗେ ଚୁଲି ଲଗାଇ ପାଣି ଫୁଟେଇବା, ପରିବା କାଟିବା ଆଦି କାମରେ ଲାଗିଗଲେ । ସାରା ଗାଆଁଟା ଗୋଟିଏ ମହୁ-ଫେଣାରେ ବ୍ୟସ୍ତ ଥିବା ମହୁମାଛି ଙ୍କ ପରି କାମରେ ଲାଗି ପଡିଲେ ।

ଆଇରନ୍ ବୟ୍ ଚଟାଣ ସଫା କରିବା, ଚୌକି, ମେଜ ଆଦିରୁ ଧୂଳି ଝାଡିବା ଆଦି କାମରେ ତା' ମାଆକୁ ସାହାଯ୍ୟ କରୁଥିଲା । ତାଙ୍କର ଗୋଟିଏ କିରାସିନୀ ବତୀ ଥିଲା । ସେମାନେ କେବେ କେମିତି ତାହାକୁ ବ୍ୟବହାର କରୁଥିଲେ । ଆଇରନ୍ ବୟ୍ ସେଇଟିକୁ ଝରକାର ଉପରେ ଥିବା ଥାକରୁ ବାହାରକରି ସଫା କଲା, ଫୁଙ୍କି ଫୁଙ୍କି ସଫା ଦିଶିବା ପରେ ସେ ବତୀଟିକୁ ଲଗେଇଲା । ତହିଁରେ ସାରା କୋଠରୀଟି ଆଲୋକିତ ହୋଇଗଲା ।

ଆଇରନ୍ ବୟ୍ ମାଆ ପାଇଁ ସୋୟାବିନ୍ ପେଷା କଳଟିକୁ ସଜାଡି ଦେଲା । ଅଷ୍ଟମ ବାହିନୀ ଆସିବେ ବୋଲି ଆଗରୁ ଶୁଣି ତା' ମାଆ ସୋୟାବିନ୍ ବତୁରେଇ ଥିଲା । ଏବେ କଳରେ ସେ ସବୁକୁ ସେ ପେଷି ଦେଲା । ତହିଁରେ 'ଲୋକ ଫଉଜ' ପାଇଁ ସୋୟାବିନ୍ ଦହି ଓ ଝୋଳ ତିଆରି କରିବାରେ ଲାଗିଗଲେ ।

ତା' ମାଆ ଗୋଟିଏ ଛୋଟିଆ ଚଉକି ଉପରେ ବସି ଗୋଟିଏ ହାତରେ କଳ ଚଳାଇବାବେଳେ ଆର ହାତରେ ସେଥିରେ ବିନ୍ ଭରୁଥିଲା । ଆଗକୁ ପଛକୁ ଘୁରି ବିନ୍ ପେଷିଲାବେଳକୁ ତା'ର ମୁଣ୍ଡର କେରା କେରା ବାଳ ମୁହଁ ଉପରେ ଓ ଆଖି ଆଗରେ ପଡୁଥିଲା । ତା'କୁ ସଜାଡିବାକୁ ସେ ମୁଣ୍ଡକୁ ହଲାଇଲା, ଆଉ ଡାକିଲା, ''ପୁଅ, ମୋ ପାଇଁ କଳରେ ବିନ୍ ଭରି ଦେବୁ ଆ' ।''

Digitized by srujanika@gmail.com

କିନ୍ତୁ ସେଥିପାଇଁ ଆଇରନ୍ ବୟ୍‌ର ସମୟ ନଥିଲା । ବେଗରେ ଆସୁଥିବା ପାଦ ଶବ୍ଦ ଓ ସାହି ଲୋକଙ୍କର କୋଳାହଳ ଶୁଣି ସେ ପାଟିକରି ଉଠିଲା, "ଅଷ୍ଟମ ବାହିନୀ ଆସିଗଲେ !!" ସେ ବାହାରକୁ ଧାଇଁଲା ।

ତା' ମାଆର ମୁହଁରେ ଛୋଟ ହସଟିଏ ଖେଳିଗଲା । ସେ ନିଜକୁ ନିଜେ କହିଲା, "ଦେଖ ତ, କେଡେ ଖୁସି ସିଏ ହୋଇଯାଇଛି । ଅଷ୍ଟମ ବାହିନୀ ଆସିଲେ, ସେ ସ୍କୁଲକୁ ଯାଇପାରିବ ।"

କିଛି ସମୟପରେ ଆଇରନ୍ ବୟ୍ ଗୋଟିଏ କାଗଜ ଲଣ୍ଠନ ଧରି ଧାଇଁ ଆସିଲା । ସେଥିରେ ଲାଲ୍ ଅକ୍ଷରରେ "ସ୍ୱାଗତ ଅଷ୍ଟମ ବାହିନୀ" ବୋଲି ଲେଖାଟିଏ ଅଠାରେ ଲଗା ହୋଇଥିଲା । ମାଆ ଦେଖିବ ବୋଲି ସେଇଟାକୁ ଉପରକୁ ଟେକିଧରି, ସେ ହସି ହସି ଖୁସିରେ ପଚାରିଲା, "ଆମ ପାଖରେ ମହମବତୀ ଅଛି କି ? ମାନାଓ ମାଇଁ ମୋତେ ଏଇଟା ଦେଇଛନ୍ତି ।"

"ଆମ ପାଖରେ କେବେ ମହମବତୀ ଥିଲା କି ? ତୁ ଗୋଟେ ମୂରୁଖ । କଳ ଚଳାଉ ଚଳାଉ ମାଆ କହିଲା, "ତେବେ, ଏଇ ଉଜଳ ଜହ୍ନ ଆଲୁଅରେ ତୁ କାହିଁକି ଜାଳିବାକୁ ଲଣ୍ଠନ ଆଣିଛୁ ?"

ଆଇରନ୍ ବୟ୍ ପାଦକୁ ତଳେ କଚାଡି ଦେଲା । ତା' ଉଛୁଳା ଉଷୁମ ମନ ଉପରେ ଯେପରି ଥଣ୍ଡା ପାଣି ଅଜାଡି ହେଇଗଲା । ସେ ତା'ର ପଡିଶା ଘରକୁ ଦଉଡିଯାଇ ଖଣ୍ଡିଆ ମହମବତୀ ଅଛି କି ବୋଲି ବୁଢୀ ମାଆକୁ ପଚାରିଲା । ସେଇଠୁ ଫେରି ଲଣ୍ଠନ ଲଗେଇ ସେ ସାହି ଭିତରେ ପଶିଲା । ଅନ୍ୟ ପିଲାମାନେ ମଧ୍ୟ ନାଲି ନେଳି ରଂଗର କାଗଜ ଲଣ୍ଠନ ଲଗେଇ ଧରିଥିଲେ । ଗାଁର ବୟସ୍କମାନଙ୍କ ସହିତ ମିଶି ସମସ୍ତେ ଗାଆଁ ମୁଣ୍ଡକୁ ଧାଇଁଗଲେ ।

Digitized by srujanika@gmail.com

Digitized by srujanika@gmail.com

ଆଇରନ୍ ବୟ୍‌ର ଛୋଟ ଛୋଟ ପିଲାମାନଙ୍କୁ ଦେଖି ଆଦରରେ କହିଲେ, "ସେନା ବାହିନୀ ଆସିବା ବିଷୟକୁ ଗୋପନୀୟ ରଖିବାପାଇଁ ଆମକୁ ଆଗୁଆ ଦଳ କହି ନଥିଲା କି ? ତେବେ ଏ ଉତ୍ସବ କାହିଁକି ?"

ଏକଥା ଶୁଣିବା କ୍ଷଣି ଆଇରନ୍ ବୟ୍ ଓ ଅନ୍ୟ ସବୁ ପିଲା ଲଣ୍ଠନ ଧରି ଘରକୁ ଚାଲିଗଲେ । ତା' ଲଣ୍ଠନବତୀକୁ ସେ ଘରର ଦୁଆରେ ଝୁଲେଇ ଦେଲା । ତା' ଗୋଲାପୀ ଆଲୋକରେ ଘରଟିରେ ଉତ୍ସବ ଆନନ୍ଦ ଯେପରି ଭରି ହୋଇଗଲା ।

ଚିୟାଂଚୁଁ ନଈର ଶଙ୍ଖ ଆଡକୁ ଅନେଇ ଅନେକ ଲୋକ ଗାଁ ମୁଣ୍ଡରେ ଠିଆ ହୋଇଥିଲେ । ସେଇ ଶଙ୍ଖ ବାଟେ ସେନାବାହିନୀ ଆସିବାର ଥିଲା । ଅନେଇ ଅନେଇ ଲୋକଙ୍କର ଆଖି ବଥଉ ଥିଲା ।

ଲୋକଙ୍କ ଗହଳି ଭିତରେ ପଶି ଆଇରନ୍ ବୟ୍ ଥରକୁ ଥର ଉପରକୁ ମୁଣ୍ଡ ଟେକି ପଚାରୁଥିଲା, "ସେମାନେ ଆସୁଛନ୍ତି ତ ? ସେମାନେ ଆସୁଛନ୍ତି ?"

ବୁଢା ଲୋକଟିଏ ଏ ସବୁକୁ ଭଲ ଭାବେ ଦେଖିବାକୁ ଆଖି ମନ୍ଥୁଥିଲା । ସେତେବେଳେ କେହି ଜଣେ ତା'କୁ ଧକ୍କାଟେ ପକେଇଲା । ବୁଢା ଚିତ୍କାର କରି କହିଲା, "କିଏରେ ଏଇଟା ? ତୁ ମୋତେ କାହିଁକି ଠେଲୁଛୁ ?"

Digitized by srujanika@gmail.com

ଆଇରନ୍ ବୟ୍ କହିଲା, "ଏବେ ମୁଁ ଇସ୍କୁଲ ଯାଇପାରିବି ।" ସେ ଉଚ୍ଚ ସ୍ୱରରେ କହି ଉଠିଲା, "ମୁଁ ଏବେ ଇସ୍କୁଲ ଯାଇପାରିବି ।"

ଘଟଣାଟି ଏମିତି ଘଟିଲା ଯେ, ଜମିଦାର ତା'ଇର ସାନ ପୁଅ ଏ କଥା ଶୁଣିପାରିଲା ପରି ପାଖ ଦୂରତାରେ ଥିଲା । ସେ କାନେଇ ଶୁଣିଲା ଏବଂ ଆଖି ମିଟି ମିଟି କରି ଆଇରନ୍ ବୟ୍‌କୁ ଅନେଇଲା । ତା'ପରେ ଝାଡି ଝୁଡି ହୋଇ ସେ ଗହଳି ଭିତରେ ପଶିଗଲା । ସେ ଶୁଣିବା ଭଳି ବୋଲି ଆଇରନ୍ ବୟ୍ ପୁଣି ତା' କଥାକୁ ଦୋହରେଇଲା, "ମୁଁ ଏବେ ଇସ୍କୁଲ ଯାଇପାରିବି ।"

କୁହୁଡି ଭିତରେ ଜହ୍ନ ଘୋଡେଇ ହୋଇ ଆସୁଥିଲା । ଆଖି ବଥେଇବା ଯାଏଁ ଲୋକେ କିନ୍ତୁ ସେମିତି ଅଧୀର ଭାବେ ଦୂରକୁ ଅନେଇ ରହିଥିଲେ ।

Digitized by srujanika@gmail.com

"ସେମାନଙ୍କ ପାଇଁ ଆମେ ବହୁତ ସମୟ ହେଲା ଅପେକ୍ଷା କରିଛେ ।" କିଏ ଜଣେ କହିଲା, "ସେମାନେ ଯଦି ଏ ସମୟରେ ଏଠାରେ ପହଞ୍ଚିଯାଆନ୍ତେ"....

ହଠାତ୍ ଗାଆଁର ଜଣେ ଲୋକ କହି ଉଠିଲା, "ଦେଖ, ସେମାନେ ଆସୁଛନ୍ତି ।"

ଲୋକ ଗହଳି ଭିତରେ ନିଜେ ନିଜେ ବାଟ କାଟି ଆଇରନ୍ ବୟ୍ ତା' ଜେଜେ ପାଖରେ ଯାଇ ପହଂଚିଗଲା । ତାଙ୍କର ହାତ ଧରି ପକେଇ ସେ ବଡ ପାଟିରେ ପଚାରିଲା, "ସେମାନେ କେଉଁଠି ଅଛନ୍ତି ? ମୁଁ ତ ସେମାନଙ୍କୁ ଦେଖି ପାରୁନି ।"

ଜେଜେ ତା'କୁ କାନ୍ଧ ଉପରକୁ ଉଠେଇ ନେଲେ । ସେତେବେଳେ ସେ ଦେଖିଲା, ନଈର ଏ ପାଖର ଶଙ୍ଖ ଆଉ ସେ ପାଖର ଗଛ ମଝିରେ ସେନା ବାହିନୀର ବନ୍ଧୁକ ଗୁଡିକର ସଙ୍ଗୀନ୍ (ବାୟୋନେଟ୍) ସବୁ ଝଲ୍‌ମଲ୍ କରୁଛି । ମଳିନ ଜହ୍ନ ଆଲୁଅରେ ଏହା ଦୁଇଟି ଅନ୍ଧାରୁଆ ଦ୍ୱୀପ ପରି ତା'କୁ ଦିଶୁଥିଲା । ଜେଜେଙ୍କ କାନ୍ଧରୁ ତଳକୁ ଡେଇଁ ପଡି ଆଇରନ୍ ବୟ୍ ଲୋକଙ୍କ ସାଂଗରେ ଆଗେଇ ଆସୁଥିବା ସୈନ୍ୟଙ୍କୁ ଭେଟିବା ପାଇଁ ଧାଇଁଲା ।

ଆକାଶରେ ବେଶ୍ ଉଚ୍ଚରେ ଖଣ୍ଡ ଖଣ୍ଡ ମେଘ ଭାସି ବୁଲୁଥାନ୍ତି । ଜହ୍ନର ନୀଳ ଆଲୁଅରେ ସେମାନେ ବେଶ ପରିଷ୍କାର ଭାବେ ଉଜ୍ଜ୍ୱଳ ଦେଖା ଯାଉଥାନ୍ତି । ସେଇ ଲଢୁଆ ବୀରମାନଙ୍କ ସହିତ ହାତ ମିଳେଇବାକୁ ଲୋକେ ଅଧୀର ହୋଇ ଆଗକୁ ଧାଇଁଗଲେ, ସତେ ଯେପରି ସେମାନେ ସବୁ ତାଙ୍କ ନିଜ ପରିବାରର ଲୋକ ।

ଠେଲିପେଲି ହୋଇ ଆଇରନ୍ ବୟ୍ ଜଣେ ସୈନ୍ୟଙ୍କର ପାଖରେ ଯାଇ ଛିଡା ହେଲା, ଆଉ ତାଙ୍କର ହାତକୁ ଭିଡି ଧରିଲା । "ତମେ କ'ଣ ସ୍କୁଲ ପୁସ୍ତକ ଆଣିଛ କି, ଅଷ୍ଟମ ବାହିନୀ ଦାଦା ?" ସେ ପଚାରିଲା ।

Digitized by srujanika@gmail.com

Digitized by srujanika@gmail.com

ସୈନ୍ୟଜଣକ ଏପରି ଏକ ପ୍ରଶ୍ନରେ ଘାବରେଇ ଗଲାବେଳକୁ ପଛରୁ ଆଉ ଜଣେ ଲଢୁଆ ସୈନ୍ୟ ପାଟିକରି ଉଠିଲେ, "ଏଁ, ତୁ ସେଇ ଆଇରନ୍ ବୟ୍ ତ ? ଆଇରନ୍ ବୟ୍ ତାଙ୍କ ପାଖକୁ ଧାଇଁଗଲା । ସୈନ୍ୟ ଜଣକ ପାଉଁଶିଆ ରଂଗର ଫଉଜୀ ପୋଷାକ ପିନ୍ଧିଥିଲେ, ଅଣ୍ଟାରେ ତାଙ୍କର ଚମଡା ପଟି (ବେଲ୍‌ଟ୍) ଥିଲା । ତାଙ୍କର ଆଣ୍ଠୁରୁ ପାଦଯାଏଁ ପୋଷାକ ଢୋତା ଭିତରେ ରହିଥିଲା । ଏହା ସାଥିରେ ସେ ଧରିଥିଲେ ପିସ୍ତଲ୍ ଆଉ ଗୋଟିଏ ଚମଡା ମୁଣି । ଫଉଜୀ ଟୋପି ତଳୁ ତାଙ୍କର ଉଜ୍ଜ୍ୱଳ କଳା ଆଖି ଦୁଇଟି ଆଇରନ୍ ବୟ୍‌କୁ ଚାହିଁ ରହିଥିଲା । ସେ ହସୁଥିଲେ ।

"ତୁମେ ମୋତେ ଚିହ୍ନି ପାରୁଛ ?" ସେ ଲୋକଜଣକ ପଚାରିଲେ । ଆରେ, ସିଏ ତ ଶିକ୍ଷକ ଚାଇ ! ଆଇରନ୍ ବୟ୍ ବିକଳରେ ଧାଇଁଯାଇ ତା'ର ଶିକ୍ଷକଙ୍କୁ କୁଣ୍ଢେଇ ଧରିଲା । ତା'ପରେ ତାଙ୍କୁ ସେ ଭିତରୁ ଟାଣି ଆଣିବାକୁ ଚେଷ୍ଟା କଲା, "ଆସନ୍ତୁ, ମୋ ସାଥିରେ ଆମ ଘରକୁ ଆସନ୍ତୁ । ମାଆ ଆପଣଙ୍କ ପାଇଁ ବିନ୍ କ୍ଷୀରରେ ଦହି ଆଉ ତରକାରୀ କରିଛି ।"

ଆଦରର ସହ ଶିକ୍ଷକ ଚାଇ କହିଲେ, "ସେମିତି ମୋତେ ଟଣାଟଣି କରନା । ଅଷ୍ଟମ ବାହିନୀ ଗୋଟିଏ ଶୃଙ୍ଖଳିତ ସୈନ୍ୟ ଦଳ । ଏଠାରୁ କେହିହେଲେ ନିଜ ଇଚ୍ଛା ଅନୁସାରେ କୁଆଡେ ଯାଇପାରିବେ ନାହିଁ ।"

ଶିକ୍ଷକ ଚାଇ ଆଇରନ୍ ବୟ୍‌କୁ ନିଜ କାନ୍ଧ ଉପରକୁ ଉଠେଇ ନେଲେ । ସେଠାରୁ ସେ ହାତ ହଲେଇ ବଡ ପାଟିରେ କହିଲା, "ଅଷ୍ଟମ ସେନାବାହିନୀ ଆସିଗଲେ । ଗରିବ ଲୋକଙ୍କ ପିଲାମାନେ ଏବେ ଇସ୍କୁଲ ଯାଇପାରିବେ !"

Digitized by srujanika@gmail.com

୫

ଶିକ୍ଷକ ଚାଇଙ୍କୁ ଜମିଦାର ଯେତେବେଳେ ଗାଆଁରୁ ବାହାର କରିଦେଲେ, ସେ ସେଠାରୁ ଯାଇ ''ଅଷ୍ଟମ ସେନା ବାହିନୀ''ରେ ଯୋଗଦେଲେ । ସେ ସୈନ୍ୟମାନଙ୍କୁ ଶିକ୍ଷା ଦେବାକୁ ନିଯୁକ୍ତ ହେଲେ । ଲୁନ୍ ଘୁ ଗାଁଟି ଶିକ୍ଷକଙ୍କ କବଳରୁ ମୁକ୍ତ ହେଲାପରେ ସେନାବାହିନୀର ଅଧିକାରୀ ଚାଷୀ ଆନ୍ଦୋଳନରେ କାମ କରିବାପାଇଁ ତାଙ୍କୁ ସେହି ଗ୍ରାମରେ ନିଯୁକ୍ତ କଲେ । କାରଣ ସେହି ଗାଆଁରେ ଶିକ୍ଷକ ରୂପରେ ତାଙ୍କର ଆଗର ଅଭିଜ୍ଞତା ଥିଲା ।

ଏହି ଦଳଟି ସ୍ଥାନୀୟ କର୍ମୀଙ୍କ ସହିତ ମିଶି ''ଶାନ୍ତି ସଂରକ୍ଷଣ ସମିତି''କୁ ହଟେଇ ଏକ ନୂଆ ରାଜନୈତିକ ଶକ୍ତି ଗଢିବା ପାଇଁ କାମ କଲା । ଆଇରନ୍ ବୟର ଜେଜେ ଗାଆଁର ମୁଖିଆ ରୂପେ ନିର୍ବାଚିତ ହେଲେ ଗାଁର ଦେଶପ୍ରେମୀ ଯୁବକ, ମହିଳା ଓ ପିଲାମାନଙ୍କୁ ନେଇ ସଂଘସବୁ ଗଠନ କରାଗଲା । ଗୋଟିଏ ସାଧାରଣ ସଭାରେ ବିଶ୍ୱାସଘାତକ ଜମିଦାର ଚାଇ ଓ ତା'ର ହାତବାରିସି କାଓକୁ କ୍ଷମତାରୁ ହଟାଇ ଦିଆଗଲା ।

Digitized by srujanika@gmail.com

ଏସବୁ କାରଣରୁ ଗାଆଁର ଲୋକେ ନାନା କାମରେ ବ୍ୟସ୍ତ ରହିଲେ । ତେଣୁ ସେମାନେ ପିଲାଙ୍କ ପାଇଁ ପ୍ରାଥମିକ ସ୍କୁଲ ଚଳାଇବା ପାଇଁ କିଛି କରିପାରିଲେ ନାହିଁ । ଆଇରନ୍ ବୟ୍ ଓ ତା'ର ସାଥିମାନେ ଶିକ୍ଷକ ଚାଇଙ୍କୁ ଥରକୁ ଥର ପଚାରୁ ଥାନ୍ତି । "ଅଷ୍ଟମ ସେନାବାହିନୀ ଆସିଲାପରେ ଆମେ ଇସ୍କୁଲ ଯିବୁ ବୋଲି ଆପଣ କହିଥିଲେ ନା ?"

ଶିକ୍ଷକ ଚାଇ ମୁରୁକି ହସି ଉତ୍ତର ଦିଅନ୍ତି, "ଯାହା ଯାହା ଆଗ ହେବା କଥା, ସେ ସବୁ ଆଗେ ହେବ । ଗାଆଁରେ ଲୋକଙ୍କର ରାଜନୈତିକ କ୍ଷମତା ଦୃଢ଼ ଭାବେ ପ୍ରତିଷ୍ଠିତ ନ ହେଲେ ଗରିବ ପିଲେ କିପରି ସ୍କୁଲକୁ ଯିବେ ? ଗରିବ ଲୋକଙ୍କ ହାତରେ ଶାସନ ଅଧିକାର ରହିଲେ ହିଁ ସେମାନଙ୍କର ନିଜର ସ୍କୁଲ ରହିବ ।"

ଗାଁ ମୁଖିଆ, ତା' ଭେଇେ' ତା'କୁ ଉତ୍ସାହିତ କରି କହିଲେ, "ଶିଶୁସଂଘ ପାଇଁ ଗାଁରେ ଅଭ୍ୟାସ ଆରମ୍ଭ କଲାଣି, ତୁମେମାନେ ଯାଇ ସେଥିରେ ମିଶିଯାଅ । ତା'ପରେ ତୁମେ ସମସ୍ତେ ଜାଳେଣି ସଂଗ୍ରହ କରିପାର । ଆମେ ଆଉ ସବୁ ସମସ୍ୟା ବିଚାର କରି ଭଡା, ସୁଧ ଇତ୍ୟାଦି କିପରି କମ୍ ହେବ ତାହା ଅଲୋଚନା କରି ପ୍ରାଥମିକ ସ୍କୁଲ ବସେଇବା ସ୍ଥିର କରିବୁ ।"

ମୁଖିଆ ବୁଢାଙ୍କ କଥାକୁ ପସନ୍ଦ କରିବା ସହିତ ଶିକ୍ଷକ ଚାଇ ଆଇରନ୍ ବୟ୍‌ର ପେଟକୁ ଦେଖେଇ କହିଲେ, "ସେ କଥା ଠିକ୍ । ତୁମେ ସମସ୍ତେ ଖାଲି ପେଟରେ କିମିତି ସ୍କୁଲକୁ ଯିବ ?" ଆଇରନ୍ ବୟ୍ ରାଜି ହେଲା, ସେ ବୁଝିପାରିଲା ତାହା କିପରି କଷ୍ଟକର । ତେଣିକି ସେ ଆଉ ବିରକ୍ତ କଲା ନାହିଁ ।

ଦିନେ ସକାଳେ ଆଇରନ୍ ବୟ୍ ପଡିଶା ଘରେ ଜଣେ ଝିଅ ସହିତ ଚିୟାଂଚୁଁ ନଈର ଶଙ୍ଖ ପାଖରେ ଜାଳେଣି ଗୋଟାଉଥିଲା । ସେମନେ ଦେଖିଲେ ଜଣେ ଲୋକ ଗାଁରୁ କୁଆଡେ ଯାଉଛି । ମୁଣ୍ଡ ଉପରକୁ ଘୋଡେଇ

Digitized by srujanika@gmail.com

ରଖିଥିବା ଟୋପି ସହିତ ସେ ଦେହରେ ଗୋଟିଏ କଳା ଜାକେଟ୍ ପିନ୍ଧିଥିଲା ଓ ଅଣ୍ଟାରେ ଗୋଟିଏ ଅଖା ମୁଣି ବାନ୍ଧିଥିଲା । କାଖରେବି ସେ କିଛି ଗୋଟେ ଧରିଥିଲା ।

ଆଇରନ୍ ବୟ୍ ହାତରେ ଆଖିକୁ ଛାଇ କରି ଲୋକଟିକୁ ଚିହ୍ନିବାକୁ ଚାହିଁଲା; "ସେ ଶିକ୍ଷକ ଚାଇ କି ?" ସେ ପାଟିକରି ଉଠିଲା, "କିନ୍ତୁ ସେ ଏପରି କାହିଁକି ପିନ୍ଧିଛନ୍ତି ?"

ଝିଅଟି କିନ୍ତୁ ସେ ଶିକ୍ଷକ ଚାଇ ବୋଲି ଭାବୁ ନଥିଲା । କାରଣ ସେ ସ୍କୁଲ ଆରମ୍ଭ କରିବାକୁ ଏତେ ବ୍ୟସ୍ତ ଥିଲାବେଳେ ଗାଆଁ ଛାଡିବେ କିପରି ?

ଲୋକଟି ଗହମ ଖେତ ପରେ ଥିବା ରାସ୍ତା ଉପରକୁ ଉଠିଲା । ଖେତସବୁ ତୁଷାରରେ ଘୋଡେଇ ହୋଇ ପଡିଥିଲା । ସେଠାରୁ ସେ କହିଲା, "ଆଇରନ୍ ବୟ୍, ଚଞ୍ଚାଣବସା ଶିଖରକୁ ଏଇଟା ରାସ୍ତା ତ ?"

ଆଚ୍ଛା । ସେ ଲୋକଟି ତା'ହେଲେ ଶିକ୍ଷକ ଚାଇ । ଆଇରନ୍ ବୟ୍ ଝୁଡିଟି ପକେଇଦେଇ ତାଙ୍କ ପାଖକୁ ଧାଇଁ ଯାଉଯାଉ କହିଲା, "ଶିକ୍ଷକ ଚାଇ, ଆପଣ ସେଠାକୁ କାହିଁକି ଯାଉଛନ୍ତି ? ଆପଣ ପୁଣି ଫେରି ଆସିବେ ତ ?"

"ନିଶ୍ଚୟ" ଶିକ୍ଷକ ଚାଇ ଉତ୍ତର ଦେଲେ । ତା'ପରେ ଛଞ୍ଚାଣବସା ଶିଖରକୁ ଯିବାପାଇଁ ଆଇରନ୍ ବୟ୍ ଠିକ୍ ବାଟ ବତେଇ ଦେଲା:

"ଶଙ୍ଖ ପାରି ହୋଇ ଆପଣ ପକ୍ଷୀରାଜ ଘୋଡା ଶିଖରକୁ ଯିବା ରାସ୍ତାରେ ପହଂଚିବେ । ତା'ପରେ ପଶ୍ଚିମ ଦିଗକୁ ଯିବେ । ଦୁଇ ପର୍ବତ ମଝିରେ ଗୋଟିଏ ବଡ ପାଇନ୍ ଗଛ ଅଛି । ସେ ଯାଏଁ ପଶ୍ଚିମକୁ ଯିବେ । ତା' ଉଭାରୁ ଉତ୍ତରମୁହାଁ ଚାଲିଲେ କେତେଗୁଡିଏ ପାହାଡ ଡେଇଁ ସେଇଠି ପହଂଚିବେ । ଚାଲନ୍ତୁ, ମୁଁ ବାଟ ଦେଖେଇ ଦେଉଚି । ଗଲା ବସନ୍ତ ଋତୁରେ ମୁଁ ଜେଜେଙ୍କ ସାଥିରେ ଶିକାର ପାଇଁ ସେଠାକୁ ଯାଇଥିଲି ।"

Digitized by srujanika@gmail.com

Digitized by srujanika@gmail.com

ଶଙ୍ଖଆଡକୁ ଚାଲୁ ଚାଲୁ ଶିକ୍ଷକ ଚାଇ ଆଇରନ୍ ବୟ୍‌କୁ କହିଲେ, "ତୁମେ ଜାଣେଣି ଗୋଟାଏ । ମୁଁ ନିଜେ ରାସ୍ତା ଖୋଜି ନେବି ।"

ଆଇରନ୍ ବୟ୍ ଆଖି ମିଟି ମିଟି କରି ଟିକିଏ ଭାବିଲା । ତା'ପରେ ହଠାତ୍ ଧାଇଁ ଯାଇ ଶିକ୍ଷକ ଚାଇଙ୍କୁ ଦି' ହାତରେ କୁଣ୍ଢେଇଧରି ପ୍ରତିବାଦ କଲା, "ମୁଁ ଆପଣଙ୍କୁ ଯିବାକୁ ଦେବିନାହିଁ ।" ଆଶ୍ଚର୍ଯ୍ୟ ହୋଇ ଶିକ୍ଷକ ଚାଇ କାରଣ ପଚାରିବାରୁ ଆଇରନ୍ ବୟ୍ ତାଙ୍କ ଉପରେ ଝୁଙ୍କି କହିଲା, "ଆପଣ ସେନାବାହିନୀକୁ ଫେରିଯିବେ । ଆମ ସମସ୍ତଙ୍କ କଥା ଆଉ ଇସ୍କୁଲ କଥା ପାଶୋରି ଦେବେ ।"

ପିଲାଟିକୁ ଦେଖେଇବାକୁ ଶିକ୍ଷକ ଚାଇ ଅଣ୍ଟାରେ ବାନ୍ଧିଥିବା ମୁଣିଟିକୁ ଧରି ଫୁସ୍ ଫୁସ୍ କରି କହିଲେ, "ମୁଁ ତୁମମାନଙ୍କ ପାଇଁ ପାଠ ବହି ଆଣିବାକୁ ଯାଉଛି । କାଲିଠାରୁ ପଢା ଆରମ୍ଭ ହେବ । ତୁମେ ସ୍କୁଲକୁ ଗଲେ, ମୋ କାମ ସରିଲା ।"

ଆନନ୍ଦରେ ଆଇରନ୍ ବୟ୍‌ର ଆଖି ଝଲସି ଉଠିଲା । ସେ ମୁଣ୍ଡ ଟେକି ପଚାରିଲା, "ଇସ୍କୁଲ ବିଷୟରେ ଆପଣ ନିଶ୍ଚିତ ତ ?"

ଶିକ୍ଷକ ଚାଇ ପୁଣି ଥରେ ପିଲାଟିକୁ ସ୍କୁଲ ନିଶ୍ଚିତ ହେବ ବୋଲି ସୂଚନାଦେଇ କାମରେ ଚାଲିଲେ । ସେ ଶଙ୍ଖ ପାରି ହୋଇ ପଛକୁ ଚାହିଁ ଦେଖିଲେ, ଆଇରନ୍ ବୟ୍ ପଡିଶା ଘର ଝିଅଟିକୁ ଫୁସ୍ ଫୁସ୍ କରି କ'ଣ କହୁଛି । ଚାଲି ଯାଉ ଯାଉ ତୁଷାରରେ ଘୋଡେଇ ହୋଇ ପଡିଥିବା ବଣ ପାହାଡର ନୀରବତା ଭିତରେ ସେ ଝିଅଟିର ଖୁସି ହସ ଶୁଣିଲେ; ଆଉ ନିଜ ବାଟରେ ପକ୍ଷୀରାଜ ଘୋଡା ଶିଖରକୁ ଯାଇଥିବା ପାହାଡିଆ ରାସ୍ତାଦେଇ ଚାଲିଲେ ।

ବହୁତ ଦୂରରେ ବନ୍ଧୁକ ଫୁଟିବା ଶବ୍ଦ ଓ ମେସିନ୍‌ଗନ୍‌ର ଗର୍ଜନ ଶୁଭିଲା । କିନ୍ତୁ ପାଖରେ ଥିବା ବରଫାବୃତ ପର୍ବତ ଓ ଜଙ୍ଗଲ ସବୁ କିଛି ଶାନ୍ତ ଥିଲା ।

Digitized by srujanika@gmail.com

ଦଳେ ଟମ୍-ଟିଟ୍ ଚଢ଼େଇ ତାଙ୍କ ଲମ୍ବା ଲାଂଜ ଡିଆଁଇ ଡିଆଁଇ ରାବି ରାବି ଗଛ ଡାଳରେ ବସିଲେ । ସେଇ ବସିବା ଆଘାତରେ ଗଛ ଡାଳରୁ ଗୁପେଲି ତୁଷାର ଖଣ୍ଡ ପବନରେ ନାଚି ନାଚି ତଳକୁ ଖସିଲାବେଳେ ସୂର୍ଯ୍ୟ କିରଣ ପଡ଼ି ଇନ୍ଦ୍ରଧନୁର ରଂଗ ସବୁ ଜାତ କରୁଥିଲା ।

ଟମ୍-ଟିଟ୍ ଚଢ଼େଇ ସବୁ କିଚିରି ମିଚିରି ଶବ୍ଦ କରି ଏଣିକି ତେଣିକି ନିରେଖୁ ଥିଲେ । ହଠାତ୍ ସେମାନେ ଗଛ ଉପରୁ ଉଡିଯାଇ ଭୟ ପାଇଲାପରି ପର୍ବତ ଶିଖର ଚାରିପାଖରେ ଚକ୍କର କାଟି ଉଡିବାକୁ ଲାଗିଲେ ।

ସେଇ ପକ୍ଷୀମାନଙ୍କର ଏପରି ଅ-ସ୍ୱାଭାବିକ କାର୍ଯ୍ୟକଳାପ ଦେଖି ଶିକ୍ଷକ ଟାଇ ତାହାର କାରଣ ଜାଣିବାକୁ ଅଟକିଗଲେ । ଜଙ୍ଗଲଠାରୁ ଦୂରରେ ଉତ୍ତର-ପୂର୍ବ ଦିଗରେ ଶତ୍ରୁପକ୍ଷର ଗୋଟିଏ ଦୃଢ଼ ଆଡ୍‌ଡା ସ୍ଥାନଥିବା ବିଷୟ ସେ ଜାଣିଥିଲେ । ଆହୁରି ମଧ୍ୟ ଉତ୍ତର ପଶ୍ଚିମ ଦିଗରେ ତିନି କିଲୋମିଟର ଦୂରରେ ଗୋଟିଏ ପାହାଡ ଉପରେ ତାଙ୍କର ଗୋଟିଏ ଦୁର୍ଗ ଥିବା କଥା

Digitized by srujanika@gmail.com

ଏବଂ ସେଇ ଦୁଇଟି କେନ୍ଦ୍ରସ୍ଥାନ ଦୁଇଟି ମଧ୍ୟରେ ପୂର୍ବରୁ ପଶ୍ଚିମକୁ ସେମାନେ ଗୋଟିଏ ଲମ୍ବା ସୁଡଙ୍ଗ ଖୋଳିଥିବା କଥା ସେ ଜାଣିଥିଲେ । ଶତ୍ରୁ ସୈନ୍ୟବାହିନୀ ତାଙ୍କର ଦୁର୍ଗଗୁଡିକରୁ ବାହାରି ଆସିଛନ୍ତି କି ?

ଶିକ୍ଷକ ଚାଇ ଗୋଟିଏ ବଡ ପଥର ପଛରେ ଘାସବୁଦା ଭିତରେ ଲୁଚିଗଲେ । ସାତଜଣ ସୈନ୍ୟ ରାଇଫଲ୍ ଧରି ସୁଡଙ୍ଗଟିକୁ ଜଗି ରହିଥିଲେ । ସେମାନେ ପାହାଡ ଉପରେ ଥିବା ଦୁର୍ଗଆଡକୁ ଯାଉଥିଲେ । ତେବେ ଏଇ ସୁଡଙ୍ଗ ଜଗିଥିବା ସୈନ୍ୟମାନଙ୍କୁ ଯାଉଥିବା ଦେଖି ଟମ୍-ଟିଟ୍ ଚଢେଇ ସବୁ ବିଚଳିତ ହୋଇ ପଡିଥିଲେ ।

ସେଇ ସୈନ୍ୟମାନେ କିଛି ଦୂରକୁ ଚାଲିଯିବା ପରେ ଶିକ୍ଷକ ଚାଇ ସୁଡଙ୍ଗ ଟପି ଗୋଟିଏ ନାଳ ଭିତରକୁ ପଶିଗଲେ । ତା'ପରେ ବୁଦା, ଲତାକୁ ଧରି ସେ ଗୋଟିଏ ସିଧା ଉଚ୍ଚ ଜାଗାକୁ ଚଢିଲେ ପର୍ବତ ଶିଖରରେ ପହଂଚିଗଲେ । ଘଂଚ ଲତାବୁଦା ଯୋଗୁଁ ତାଙ୍କୁ ସେଠାରେ ସୈନ୍ୟମାନେ ଦେଖି ପାରିନଥିଲେ । ସେ ତାଙ୍କ ଅଖା ମୁଣିଟିକୁ ଗୋଟିଏ ପଥର ଉପରେ ବିଛେଇ ହାଲିଆ ମାରିବାକୁ ବସିବାକୁ ଗଲାବେଳେ ହଠାତ୍ ପଛକୁ ଖସ୍ ଖସ୍ ଶବ୍ଦ ଶୁଣିଲେ । ସେ ଦେଖିବାକୁ ବୁଲି ପଡିଲେ । କିନ୍ତୁ କିଛି ଦେଖିପାରିଲେ ନାହିଁ । ସେଇଟା କ'ଣ କେବଳ ଘାସ ଭିତରେ ପବନର ଖେଳ ? କିନ୍ତୁ ତା'ପରେ ଚପା ଘୁସୁରା ଶବ୍ଦ ଶୁଣାଗଲା । ଆଶ୍ଚର୍ଯ୍ୟର କଥା । ସେ ସବୁଆଡେ ଆଖି ବୁଲେଇ ଆଣିଲେ । ତା'ପରେ ଶିଖରର ଗୋଟିଏ ଧାରରୁ ତଳକୁ ଚାହିଁଲେ । କିଛି ନାହିଁ । ସେ ଘବରେଇ ଗଲେ । ଧୀରେ ଯାଇ ସେଇ ପଥର ଉପରେ ବସିଲେ ।

ସେ ପୁଣି ସେପରି ଘାସ ଘଷିହେବା ଶବ୍ଦ ଶୁଣିଲେ । ଶବ୍ଦଟି ତାଙ୍କ ପାଖରେ ଥିବା ଆଉ ଗୋଟିଏ ବଡ ପଥର ପଛରୁ ଆସୁଥିଲା । ସତର୍କତାର ସହିତ ସେ ସେଠାକୁ ଗଲେ । ସେ ଦେଖିଲେ: ଆଇରନ୍ ବୟ୍ ଲତାବୁଦା

Digitized by srujanika@gmail.com

Digitized by srujanika@gmail.com

ଭିତରଦେଇ ଆସୁଛି, ତା' ଝୁଡି ଖାଲି, ଆଉ ପାଟି ନକରି ହସିବାପାଇଁ ନିଜର ଦୁଇଟାଯାକ ହାତରେ ସେ ପାଟିକୁ ଚାପି ଧରିଛି ।

''ତୁମେ ଏଇଠି କ'ଣ କରୁଛ ?'' ବଡ ଅଧୀରଭାବେ ଶିକ୍ଷକ ଚାଇ ପଚାରିଲେ ।

କିନ୍ତୁ ଆଇରନ୍ ବୟ୍ କେବଳ ମୁରୁକି ହସିଲା ଏବଂ ଗର୍ବର ସହିତ ଉତ୍ତର ଦେଲା, ''ବହି ବୋହିନେବାରେ ଆପଣଙ୍କୁ ସାହାଯ୍ୟ କରିବାକୁ ମୁଁ ଆସିଛି ।''

''ଖାଇବାବେଳକୁ ତୁମକୁ ନ ଦେଖିଲେ ମାଆ ତୁମର ଭାରି ବ୍ୟସ୍ତ ହେବେ ।'' ଶିକ୍ଷକ ଚାଇ ଗୁରୁତ୍ୱ ଦେଇ ମନେ ପକେଇଦେଲେ, ''ତୁମେ ସୁନା ପିଲା । ଯାଅ ଘରକୁ ଫେରିଯାଅ ।''

ଆଇରନ୍ ବୟ୍ କିନ୍ତୁ ଦୁଷ୍ଟାମୀ ଦେଖେଇ ଆଖି ମିଟି ମିଟି କରି ତାଙ୍କୁ ଉତ୍ତରଦେଲା, ସେ ସେଇ ପଡିଶାଘର ଝିଅ ଦ୍ୱାରା, ଗୋଟିଏ ଭଲ କାମରେ ଶିକ୍ଷକ ଚାଇଙ୍କ ସହିତ ଯାଇଛି ବୋଲି ମାଆଙ୍କୁ କହିଦେବାକୁ ଖବର ଦେଇସାରିଛି ।

ଶିକ୍ଷକ ଚାଇ ପାରି ହୋଇ ଆସିଥିବା ସେଇ ପର୍ବତ ଆଉ ନାଳ-ସୁଡଙ୍ଗ ସବୁକୁ ଚାହିଁଲେ । ତା'ପରେ ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡି ତାକୁ କହିଲେ, ''ତୁମେ ଏତେ ବାଟ ଚାଲି ଆସିଛ । ତେଣୁ ମୁଁ ତୁମକୁ ଏବେ ଆଉ ଘରକୁ ପଠେଇ ପାରୁନି । ଆସ ତେବେ ମୋ ସାଂଗରେ ।''

ଆଇରନ୍ ବୟ୍ ଉଲ୍ଲସିତ ହୋଇଉଠିଲା । ସେ ତା'ର ଝୁଡିଟିକୁ କାନ୍ଧରେ ପକେଇ, ଶିକ୍ଷକ ଚାଇଙ୍କୁ ବାଟକଢେଇ ନେଲା । ଫଳରେ ସେମାନେ ଦି'ପହର ବେଳକୁ ଛଅାଣ ବସା ଶିଖରରେ ପହଂଚି ଗଲେ ।

Digitized by srujanika@gmail.com



୬

ଅଷ୍ଟମ ସେନାବାହିନୀର ଛାପାଖାନାଟି ଛଞ୍ଚାଣ ବସା ଶିଖରର ଉତ୍ତର ମୁଣ୍ଡରେ ଗୋଟିଏ ବଡ ଗୁମ୍ଫାରେ କାମ କରୁଥିଲା । ଘଂଚ ଲତା-ବୁଦା ଭିତରେ ସେ ଗୁମ୍ଫାଟି ଲୁଚି ରହିଥିଲା ।

ଆଇରନ୍ ବୟ୍ ନଇଁ ନଇଁ ତା ଶିକ୍ଷକଙ୍କ ଜାକେଟ୍‌କୁ ପଛରୁ ଧରି ତାଙ୍କ ପଛେ ପଛେ ଗୁମ୍ଫା ଭିତରେ ପହଂଚିଲା । ତା'ପରେ ପରେ ସେମାନେ କେତୋଟି ପାହାଡ ମଝି ରାସ୍ତାରେ ଗଲାପରେ ଆଉ ଗୋଟିଏ ଫାଙ୍କା ଜାଗାରେ ଆଲୋକର ଝଲକ ଦେଖିଲେ । ସେମାନେ ତା' ଭିତରକୁ ଗଲେ । ''ଆଃ'' କହି ଉଠିଲା ଆଇରନ୍ ବୟ୍ । କାରଣ; ସେ ହଠାତ୍ ନିଜକୁ ଗୋଟିଏ ଗୁମ୍ଫା ଭିତରେ ପହଂଚିଥିବା ଦେଖିଲା । ତିନୋଟି ଛୋଟ କୋଠରୀ

Digitized by srujanika@gmail.com

ଆକାରର ଗୁମ୍ଫାଟି ମହମବତୀ ଦ୍ୱାରା ଆଲୋକିତ ହୋଇଥିଲା । ଉଚ୍ଚା ଉଚ୍ଚା ବଡ଼ ଚିକ୍କଣ ପଥରଖଣ୍ଡକୁ ମେଜ ଭାବରେ ଏବଂ ସାନ ସାନ ପଥର ଖଣ୍ଡକୁ ବସିବା ଜାଗା ରୂପେ ବ୍ୟବହାର କରାଯାଉଥିଲା । ସେ ଭିତରେ ନାନା କାମ କରାଯାଉଥିଲା । ଅଷ୍ଟମ ବାହିନୀର କେତେ ଜଣ ସୈନ୍ୟ ସେଠାରେ ବସି ଲେଖୁଥିଲେ, ଆଉ କେତେଜଣ ହାତରେ ଷ୍ଟେନ୍‌ସିଲ୍ କାଟୁଥିଲେ । ଜଣେ ନଇଁପଡି ଛପା କଳରେ ଛାପୁଥିଲେ । ସେ 'ରୋଲର୍'ରେ କାଳି ବୋଳି ଷ୍ଟେନ୍‌ସିଲ୍ ଉପରେ ଗଡାଉଥିଲେ । ଆଉ କେତେଜଣ କାଗଜ କାଟିବା, ଭାଂଗିଭୁଂଗି ସଜାଡି ରଖିବା, ଛପା କାଗଜଗୁଡିକୁ ସିଲେଇ କରିବା, ଆଦି କାମରେ ଲାଗିଥିଲେ । ସମସ୍ତେ ଅତି ଆଦରରେ ଶିକ୍ଷକ ଚାଇ ଓ ଆଇରନ୍ ବୟ୍‌କୁ ପାଛୋଟି ନେଲେ ।

Digitized by srujanika@gmail.com

ସେଠାରେ ସବୁଆଡେ ଏତେ ମଉଜିଆ ଜିନିଷ ରହିଥିଲା ଯେ କେଉଁଆଡକୁ ଅନେଇ ଆଗ କ'ଣ ଦେଖିବ, ସେ କଥା ଆଇରନ୍ ବୟ୍ ବୁଝିପାରିଲା ନାହିଁ। ଚଟାଣରେ ନଡା ପାଳ ବହଳରେ ପଡିଥିବାରୁ ବେଶ୍ ମସିଣା ପାରିଲା ପରି ହୋଇଥିଲା। ସେଇ ନଡା ପାଳର ମଧୁର ବାସନାରେ ଗୁମ୍ଫାର ପବନ ମହକି ଉଠୁଥିଲା। ସୈନ୍ୟମାନଙ୍କର କମ୍ବଳ, ଲମ୍ବା କୋଟ୍, ଚାଦର, ପିସ୍ତଲ, ବଂଧୁକ ଆଦି ଜିନିଷ ସଜେଇ ରଖା ହୋଇଥିଲା। ଗୁମ୍ଫା ମଝିରେ ଚୁଲିରେ ଗୋଟିଏ ବଡ 'କେଟ୍ଲି' ବସିଥିଲା। ନିଆଁ ଜଳୁଥିଲା। ଏହା ପାଖରେ ଖାଇବା ପାତ୍ର, କାଠି ଆଦି ରହିଥିଲା।

ଅଷ୍ଟମ ବାହିନୀର ଜଣେ ସୈନିକ ଶିକ୍ଷକ ଚାଇ ଓ ଆଇରନ୍ ବୟ୍‌କୁ ଗୋଟିଏ ଗୋଟିଏ ପିଆଲାରେ ଫୁଟୁଥିବା ଗରମ ପାଣି ଦେଲେ। ଆଇରନ୍ ବୟ୍ ସେଥିରୁ ଟିକିଏ ଟିକିଏ ପିଉ ପିଉ ତା' ଚାରିପାଖରେ ଥିବା ଲୋକଙ୍କୁ ଚିହ୍ନି ନେଉଥିଲା। ସବୁ ଲଢୁଆ ପୁରୁଷ ଆଉ ମହିଳା ସୈନ୍ୟବାହିନୀର ନିର୍ଦ୍ଦିଷ୍ଟ ଛାପା ଥିବା ପୋଷାକ ପିନ୍ଧିଥିଲେ। ଅଳ୍ପ କେତେକଜଣ ଚଷମା ପିନ୍ଧିଥିଲେ। ଜଣେ ଅଳ୍ପ ବୟସର ମହିଳା ହାତରେ ଚଳେଇବା ଛପାକଳ ଚଳଉଥିଲେ; ତାଙ୍କ ଅଣ୍ଟାରେ ଚମଡା ପଟି(ବେଲଟ୍) ଥିଲା। ତାଙ୍କର ଫଉଜ ଟୋପିଟିକୁ ସେ ପଛକୁ ଆଡେଇ ଦେଇଥିବାରୁ, ଆଗର ବାବୁରି ବାଳ ଦେଖାଯାଉଥିଲା। ସେ ଯତ୍ନ ସହକାରେ କାଳି-ବୋଳା ରୋଲରଟିକୁ ଗଡେଇ ଛପାକଳରୁ ଗୋଟିଏ ଗୋଟିଏ ଛପା କାଗଜ ଫର୍ଦ୍ଦ ବାହାର କରୁଥିଲେ।

ଆଇରନ୍ ବୟ୍ ତା' ପିଆଲାଟିକୁ ଥୋଇଦେଇ ସେଇ ମହିଳାଙ୍କ ପାଖକୁ ଗଲା। ବଡ ମଣିଷଙ୍କ ପରି ପଛପଟରେ ହାତ ଛନ୍ଦି ସେ ସତର୍କତାର ସହିତ ରୋଲରଟିକୁ ପରୀକ୍ଷା କଲା; ଆଉ କହି ଉଠିଲା, "ତାହାହେଲେ ତମେ ଆମ ପାଇଁ ଏ ସବୁ ଛାପୁଛ ?"

Digitized by srujanika@gmail.com

କମ୍ ବୟସର ମହିଳା ସୈନିକଜଣକ ସେ କଥାରେ ବେଶ୍ ଖୁସି ହୋଇ ଗଲା ଖିଁକାରି କହିଲେ, " ଓଃ, ପାଠ ବହି ? ତୁମମାନଙ୍କର ପାଠ ବହି ତ ଅନେକ ଦିନରୁ ଛପା ସରିଲାଣି । ଦେଖ, ସେ ସବୁ ସେଠାରେ ଅଛି ।"

ଆଇରନ୍ ବୟ୍ ସେଠାକୁ ଯାଇ ଦେଖିଲା, ଆଉ ଭାରି ଖୁସି ହୋଇଗଲା । ଗୁମ୍ଫାର ପଥର କାନ୍ଥକୁ ଲାଗି ସଫାସୁତୁରା ଭାବରେ ବଡ ଗଦାଏ ଛପାବହି ରଖା ଯାଇଥିବା, ସେ ଆବିଷ୍କାର କଲା । ସେ ବହିଗୁଡିକୁ ଦି' ହାତ ଓସାରି କୁଣ୍ଢାଇ ଧରିଲା ଏବଂ ପାଟିକରି ଉଠିଲା, "ଆମ ଇସ୍କୁଲ ବହି ସବୁ ଆମେ ପାଇଗଲୁ ।"

ଶିକ୍ଷକ ଚାଇ ସେଠାରେ ଜଣେ ସୈନିକଙ୍କ ସହିତ କଥା ହେଉଥିଲେ । ସେ ବୁଲିପଡି କହିଲେ, "ଏମିତି ପାଟି କରନି ।"

ଆଇରନ୍ ବୟ୍ ସେଇ କମ୍ ବୟସର ମହିଳା ସୈନିକଙ୍କ ପାଖକୁ ଫେରିଗଲା । ଅତି ଆନନ୍ଦରେ ତାଙ୍କୁ ପଚାରିଲା, "ତମେ କ'ଣ ସବୁ ଛପାକାମ ନିଜେ ଏକା କରି ଦେଇଛ ?"

ମହିଳା ସୈନିକ ଜଣକ ମୁରୁକି ହସା ଦେଇ ରୋଲର୍‌ଟିକୁ ରଖିଦେଲେ । ତା' ସହିତ ଗପ କଲେ । ଆଇରନ୍ ବୟ୍‌ର ଆଖି ବହି ଗଦାରେ ଲାଖି ରହିଥାଏ । ଭୋକିଲା ବିଲେଇ ଛୁଆ ପରି ସେ ଜିଭ କାଢି ଓଠ ଚାଟୁଥାଏ । ସେହି ମହିଳା ପଥର ମେଜ ଉପରୁ ବହିଟିଏ ଆଇରନ୍ ବୟ୍‌କୁ ଦେଲେ । ଆଇରନ୍ ବୟ୍ ବହିଟି ଧରିଲା । ଏହାକୁ ସେ ଅତି ଖୁସିରେ ଜାବୁଡି ଧରିଲା । ତା'ପରେ ବହିଟିକୁ ଖୋଲି ପହିଲି ପୃଷ୍ଠାଟି ତା'ପାଇଁ ପଢି ଦେବାକୁ ମହିଳାଙ୍କୁ ଅନୁରୋଧ କଲା ।

"ଏବେ ଚାଲ ଆମେ ସବୁ ଯିବା, ଖାଇବା," ଶିକ୍ଷକ ଚାଇ ଡାକ ପକେଇଲେ । ଆଇରନ୍ ବୟ୍ ବହିଟିକୁ କାମିଜ ଭିତରେ ପୂରେଇ ଦେଲା,

Digitized by srujanika@gmail.com

Digitized by srujanika@gmail.com

ଛାତିରେ ଚାପି ଧରିଲା । ନୂଆ ଲାଗିଥିବା କାଳି ବାସନା ପ୍ରତି ସେ ଖୁସିରେ ସଚେତନ ହୋଇ ଉଠୁଥିଲା ।

ଭୋଜନ ପାଇଁ ବାଜରା, ଲୁଣଦିଆ ଶାଲଗମ୍ ଆଉ ସଜ ପିଆଜ ପତ୍ର ସହିତ ତାଟିଏ ଲେଖାଁଏ ଗରମ ଫୁଟାପାଣି ଦିଆଯାଇଥିଲା । ସେମାନେ ଖାଇସାରିଲା ବେଳକୁ ସାଥି ସୈନିକମାନେ ଶିକ୍ଷକ ଚାଇଙ୍କ ଅଖାମୁଣିରେ ବହି ସବୁ ରଖି ଦେଇଥିଲେ । ଆଇରନ୍ ବୟ୍ ନିଜେ କିଛି ବହି ବୋହିନେବାକୁ ଅଳି କଲା । ସେଇଥିପାଇଁ ମହିଳା ସୈନିକ ଜଣକ ଚାଇଙ୍କ ମୁଣିରୁ କିଛି ବହି କାଢ଼ି ଆଣି ଆଇରନ୍ ବୟ୍‌ର ଝୁଡ଼ିରେ ରଖିଦେଲେ । ବହି ତଳେ ଆଉ ଉପରେ ବହଳା କରି କିଛି ପାଳ ଭରିଦେଲେ ।

ବଳକା ବହିଥିବା ମୁଣିଟିର ଓଜନ ଠଉରେଇ ନେଲାପରେ ଶିକ୍ଷକ ଚାଇ ସେଇଟିକୁ ନିଜ କାନ୍ଧ ଉପରକୁ ଫିଙ୍ଗିଲାପରି ଉଠାଇ ନେଲେ ଏବଂ ବାହାରି ପଡ଼ିଲେ । ଆଇରନ୍ ବୟ୍ ପିଠିରେ ଝୁଡ଼ିଟିକୁ ଧରି ତାଙ୍କ ପଛେ ପଛେ ଚାଲିଲା ।

ଆଇରନ୍ ବୟ୍ ଘଡ଼ିକେ ପହରକେ ତା' କାମିଜ ତଳେ ଥିବା ବହିଟିକୁ ହାତ ପୂରେଇ ଅଛି ବୋଲି ପରଖି ନେଉଥିଲା । ସିଏ ପଚାରୁଥାଏ, "ସେ ବହିଟି କ'ଣ କହୁଛି ଶିକ୍ଷକ ଚାଇ ? ମୁଣିଟିକୁ କିଛି ସମୟ ପାଇଁ ବୋହିବାକୁ ମୋତେ ଦିଅନ୍ତେ ନାହିଁ ?"

ତା' କାନ୍ଧରେ ହାତ ଥାପୁଡ଼େଇ ଶିକ୍ଷକ ଚାଇ ତା'କୁ ଟିକେଇ ଟିକେଇ କହନ୍ତି, "ତୁ ନିଜେ ଚାଲରେ ବାବୁ । ଏପରି ବି ହୋଇପାରେ ଯେ, ଠିକ୍ ସମୟରେ ପହଂଚିବା ପାଇଁ ମୋତେ ତୋତେ ବି ପିଠିରେ ବୋହିନେବାକୁ ପଡ଼ିପାରେ ।"

ପାହାଡ଼ିଆ ରାସ୍ତାର ମଝିରେ ଦୁହେଁ କିଛି ସମୟ ବିଶ୍ରାମ ନେଲେ । ଶତ୍ରୁପକ୍ଷର ଦୁର୍ଗକୁ ମୁହେଁଇଥିବା ସୁଡ଼ଙ୍ଗଟି ସେମାନେ ତା' ପରେ

Digitized by srujanika@gmail.com

Digitized by srujanika@gmail.com

ପାରିହେବାକୁ ବାହାରିଲେ । ଆଇରନ୍ ବୟ୍ ସେଇ ଶତ୍ରୁ ଦୁର୍ଗକୁ ଅନେଇ ଚାଲିବାବେଳେ ତା' ପାଦ ଖସିଗଲା ଏବଂ ସେ ଖସିପଡିଲା, ଗଡି ଗଡି ନାଳ ତଳେ ଗୋଟିଏ ଗାତ ଭିତରେ ପଡିଗଲା । ହେଲେ, ସେଠାରୁ ସେ ହସରେ ଫାଟି ପଡିଲା ।

ଶିକ୍ଷକ ଚାଇ ତା'କୁ ସାହାଯ୍ୟ କରିବାକୁ ତଳକୁ ଗଲେ ଏବଂ ସେ ଆଘାତ ପାଇ ନଥିବା ଦେଖି ଆଶ୍ୱସ୍ତି ହେଲେ । ଝୁଡି ଭିତରେ ପାଳ ଓ ବହିଗୁଡିକୁ ପୁଣି ସଜେଇ ରଖି ସେ ଦୃଢ ଭାବରେ କହିଲେ, "ଆମେ ଭୋଜି ଖାଇ ଯାଉନେ, ଏପରି ଚାଲିଲେ ଆମେ ସିଧା ଶତ୍ରୁ ମୁହଁରେ ପଡିଯିବା । ତରବର ହୋଇ, ତୁମେ ସେମାନଙ୍କ ବାଟକୁ ସଫା କରିଦେବ ।"

ହଠାତ ସେହି କାଙ୍କରା ରାସ୍ତାରେ କାହାର ଚାଲିବା ପାଦଶବ୍ଦ ସାମାନ୍ୟଭାବେ ଶୁଣାଗଲା । ଶିକ୍ଷକ ଚାଇ ଆଇରନ୍ ବୟ୍ ହାତକୁ କେଂଚି ଦେଇ କହିଲେ, "ଚଂଚଳ" ସେ ନିଜେ ନାଳ ଉପରକୁ ଚଢି ଗଲାବେଳେ ଆଇରନ୍ ବୟ୍‌କୁ ବି ଟାଣି ଉଠେଇ ନେଲେ ।

"ଚଂଚଳ ଆମେ ଏ ଜାଗା ଛାଡି ଚାଲିଯିବା ।" ଆଇରନ୍ ବୟ୍ କହିଲା ।

"ବ୍ୟସ୍ତ ହୁଅନା" ଚାଇ ତାକୁ ନିର୍ଦ୍ଦେଶ ଦେଲେ । କାରଣ ସୁଡଙ୍ଗ ଆରପାଖରୁ ଜାପାନ୍‌ର ଗୋଲାମୀ ସୈନ୍ୟଙ୍କର ଟୋପି ଏବଂ ସେମାନଙ୍କର ବଂଧୁକର ସଂଗୀନ୍ ତାଙ୍କ ଆଡକୁ ମୁହେଁଇ ରହିଥିବାର ଦେଖି ପାରୁଥିଲେ । "ଆମେ ଯଦି ଦଉଡିବାକୁ ଚେଷ୍ଟା କରିବା, ତେବେ ନିଶ୍ଚିତ ଭାବେ ସେମାନଙ୍କର ହାତରେ ଧରା ପଡିଯିବା । ତୁମେ ଉତ୍ତେଜିତ ହୁଅ ନାହିଁ । ଆରାମରେ ଚାଲ ।"

ଆଇରନ୍ ବୟ୍‌କୁ ଆଖିରେ ଠାରି ତା' ହାତ ଧରି ଶିକ୍ଷକ ଚାଇ ତାକୁ ନାଳର ଗୋଟିଏ ପାଖର ବଂଧ ପାଖକୁ ନେଲେ । ସେମାନେ ସେଠାରେ

Digitized by srujanika@gmail.com

ନଇଁପଡି ଲୁଚି ରହିଲେ ଏବଂ ସତର୍କ ଭାବେ ବୁଦା ଭିତରୁ ଯାଙ୍କ ବାଟେ ମୁଣ୍ଡ ଟେକି ଦେଖୁଥିଲେ । ସାତ, ଆଠ ଜଣ ଜାପାନ୍ ଗୋଲାମୀ ସୈନ୍ୟ କାଂଧରେ ବଂଧୁକ ଝୁଲେଇ ସୁଡଙ୍ଗର ଗଡାଣିଆ ରାସ୍ତାରେ ଠିଆ ହୋଇ ଚାରିଆଡକୁ ଦେଖୁଥିଲେ । ସେମାନଙ୍କର ଭିତରୁ ଜଣେ ଆଉ ଜଣକୁ କହିଲା, ‘‘ବିଚିତ୍ର କଥା ତ । ମୁଁ ଶପଥ କରି କହିପାରିବି, ମୁଁ ଜଣେ ଲୋକ ଓ ଜଣେ ବାଳକକୁ ନାଳ ଭିତରକୁ ଯିବା ଦେଖିଛି । କିନ୍ତୁ ଏବେ ତ ମୁଁ ସେମାନଙ୍କୁ ଦେଖୁନି ।’’

‘‘ଜାଳେଣି କାଠ କାଟିବାକୁ ନିଶ୍ଚୟ କେହି ଚାଷୀ ହୋଇଥିବ ।’’ ଆଉ ଜଣେ ବୁଝେଇଲା । ‘‘ଚାଲ, ଏବେ ଯିବା । ପହରା କାମ ବଦଳିବାର ସମୟ ହୋଇଗଲାଣି ।’’

‘‘ନା’’, ପ୍ରଥମ ଜଣକ କହିଲା । ‘‘କ୍ୟାପ୍‌ଟେନ୍ କହିଛନ୍ତି, ଆମକୁ ସମସ୍ତଙ୍କୁ ପ୍ରତିରୋଧ କରିବାକୁ ପଡିବ । ସାଧାରଣ ଚାଷୀକୁ ମଧ । ସେ ବାଳକଟି ଅଷ୍ଟମ ବାହିନୀର ବାଟ ଦେଖେଇବା ପିଲା ହୋଇପାରେ; ଆଉ ଲୋକଟା ତାଙ୍କର ସଂଯୋଗ ସ୍ଥାପନକାରୀ ଅଧିକାରୀ ହୋଇପାରେ ।’’

‘‘ସେମାନେ ବେଶି ଦୂରକୁ ଯାଇ ପାରିନଥିବେ । ଆସ, ତାଙ୍କୁ ଖୋଜିବା ।’’ ଗୋଲାମୀ ସେନାର ତୃତୀୟ ସୈନିକଟି ପରାମର୍ଶ ଦେଲା ଓ ଚାରିପଟକୁ ଚାହିଁବାରେ ଲାଗିଲା ।

ଶିକ୍ଷକ ଚାଇ ଓ ଆଇରନ୍ ବୟ୍ ସବୁ କଥା ଶୁଣିଲେ । ସେମାନେ ପରସ୍ପରକୁ ଚାହାଣୀରେ ଠାରି ବଂଧ ପଛପଟ ଆଢୁଆଳରେ ଚଂଚଳ ଗତିରେ ଆଗେଇଗଲେ । ଦୁଇଟି ପାହାଡ ଅତି ବେଗରେ ସେମାନେ ଗୋଟିକ ପରେ ଗୋଟିଏକୁ ଡେଇଁ ଚାଲିଲେ । କ୍ଲାନ୍ତ ଓ ଅଣ-ନିଃଶ୍ୱାସୀ ହୋଇ ଆଇରନ୍ ବୟ୍ ଗୋଟିଏ ଘାସ ବୁଦା ଉପରେ ଲୋଟିପଡିଲା;

Digitized by srujanika@gmail.com

Digitized by srujanika@gmail.com

ଆଉ ପ୍ରସ୍ତାବ ଦେଲା, ''ଆସନ୍ତୁ, ଅଳ୍ପ ସମୟ ପାଇଁ ହାଲିଆ ମାରିବା । ଶତ୍ରୁ ଆମକୁ ଏଠାରେ ଦେଖିପାରିବେ ନାହିଁ ।''

ଶିକ୍ଷକ ଚାଇ ତା' କପାଳରୁ ଝାଳ ପୋଛିଦେଇ ବସିବାକୁ ଗଲାବେଳେ ହଠାତ୍ ଜାଣିପାରିଲେ ଯେ, ଗୋଲାମୀ ସୈନ୍ୟମାନେ ତାଙ୍କ ଆଡକୁ ଧାଇଁ ଆସୁଛନ୍ତି । ସେ ଚଟାପଟ ଆଇରନ୍ ବୟକୁ ପିଠିରେ ପକେଇ ଦେଇ ବାହାରି ପଡିଲେ ।

''ଅଟକି ଯାଅ, ନଚେତ୍ ଆମେ ଗୁଳି କରିଦେବୁ ।'' ଜଣେ ଗୋଲାମୀ ସୈନ୍ୟ ଚିତ୍କାର କଲା ।

ଗୋଟେ ବଂଧୁକର ଗୁଳି ଫୁଟିଲା । କିନ୍ତୁ ତାହାର ଲକ୍ଷ୍ୟ ବିପରୀତ ଦିଗକୁ ଥିଲା । ଅଥଚ ସେମାନେ ଶତ୍ରୁକୁ ଗୁଳି କରୁଥିଲେ । ଆହୁରି ଦୁଇ ଥର ବଂଧୁକ ଫୁଟିବା ଶୁଣାଗଲା ।

ଶିକ୍ଷକ ଚାଇ ଅନେଇଲେ, ଆଉ ଦେଖିଲେ, ଭଲ ଭାବେ ବଂଧୁକ ଚଳେଇ ଜାଣିଥିବା ସୈନ୍ୟଟିଏ ଜଣେ ଭୟଭୀତ ଗୋଲାମୀ ସୈନ୍ୟକୁ କହୁଛି, ''ଅଷ୍ଟମ ବାହିନୀ ଏବେ ପୂର୍ବଖଣ୍ଡ ପର୍ବତରେ । ଚାଲ ଯିବା, ସେମାନଙ୍କୁ ଧରିବା ।'' ଗୋଲାମୀ ସୈନ୍ୟମାନେ ଉଚ୍ଚ ସ୍ୱରରେ କହୁଥିଲେ । ତା'ପରେ ସେମାନେ ସେ ଦିଗରେ ଧାଇଁଲେ । ସେ ସମୟ ଭିତରେ ଶିକ୍ଷକ ଚାଇ ଓ ଆଇରନ୍ ବୟ ପକ୍ଷୀରାଜ ଘୋଡା ଶିଖର ଆଡକୁ ଚାଲିଲେ ।

ଆଇରନ୍ ବୟର ଜେଜେ କୁ' ଗାଆଁର ମୁଖିଆ ଥିଲେ । ସେ ଏମାନଙ୍କ ଉପରେ ପାହାଡର ଗୋଟିଏ ପଥର ଉପରୁ ଆଖି ରଖିଥିଲେ । ତାଙ୍କର ବହଳିଆ ଧଳା ଦାଢୀ ପବନରେ ଉଡୁଥିଲା ଓ ତାଙ୍କର ଶିକାର ବଂଧୁକଟି କାଂଧରେ ଝୁଲୁଥିଲା । ''ତେବେ, ଏ ଗୁଳି ଚଳେଇବା ଲୋକ ହେଉଛନ୍ତି ଆପଣ ।'' ବୁଢାଙ୍କ ପାଖକୁ ଆଗେଇ ଗଲାବେଳେ ଚାଇ କହିଲେ ।

Digitized by srujanika@gmail.com

''ମୁଁ ତୁମମାନଙ୍କ ଉପରେ ଆରମ୍ଭରୁ ଆଖି ରଖିଛି ।'' ଢେଢେ କୁ' ମନଖୋଲା ହସ ହସି କହିଲେ, ''ମୁଁ ପାଟି ଫିଟେଇ ଡାକି ନାହିଁ । କହିଥିଲେ, ସେମାନେ ମୋ ସ୍ଥାନ ଠଉରେଇ ପାରିଥାନ୍ତେ । ମୁଁ ପୂର୍ବଖଣ୍ଡ ପର୍ବତରୁ ଗୁଳି ଫୁଟେଇଲି । ସେମାନଙ୍କୁ ସେ ସ୍ଥାନକୁ ନେଇଯିବା ମୋ ଉଦ୍ଦେଶ୍ୟ ଥିଲା ।''

Digitized by srujanika@gmail.com

Digitized by srujanika@gmail.com

ସେ ଦିନ ସଂଜବେଳେ ଗୋଟେ କିରାସିନୀ ଦୀପ ଆଲୁଅରେ ଆଇରନ୍ ବୟ୍ ତା' ନୂଆ ପାଠବହିର ପ୍ରଥମ ପାଠଟି ପଢିବା ଆରମ୍ଭ କଲା । "ମାଆ", ସେ ପଚାରିଲା, "ତୁ ଏଇଟା ପଢି ପାରିବୁ ?"

ତା' ମାଆ ପୃଷ୍ଠାରେ ଥିବା ପଦଗୁଡିକୁ ଚାହିଁଲା, କିନ୍ତୁ ଗୋଟିଏ ହେଲେ ପଦ ପଢି ପାରିଲା ନାହିଁ । ଆଇରନ୍ ବୟ୍ ହାତକୁ ଓସାରି ମାଆର ବେକକୁ ଜାବୁଡି ଧରିଲା ଓ ଗୌରବ ବୋଧ କଲାପରି ମାଆକୁ ପଚାରିଲା, "ମାଆ, କାଲି ସକାଳେ ଆମ ସହିତ ତୁ ଇସ୍କୁଲ ଯିବୁ ?"

"ଆମ ବଡମାନଙ୍କ ପାଇଁ ଆମର ଇସ୍କୁଲ ଅଛି ।" ସେ ମଧ ସେହିପରି ଗୌରବ-ବୋଧ ସହିତ କହିଲା, "କାଲି ସଂଧ୍ୟାରୁ ମହିଳା ସାକ୍ଷରତା ଶ୍ରେଣୀ ଆରମ୍ଭ ହେବ ।"

ଖୁବ୍ ବେଗରେ ଆସୁଥିବା ପାଦ ଶବ୍ଦରେ ମାଆ-ପୁଅର କଥାଭାଷା ବାଧା ପାଇଲା । ଆଇରନ୍ ବୟର ବାପା ଜାପାନ-ବିରୋଧୀ ଜାତୀୟ ଯୁବ ସୈନ୍ୟବାହିନୀରେ ଯୋଗ ଦେଇଥିଲା । ସେ ସେଥିରେ ସଭାରେ ଯୋଗ ଦେଇସାରି ଖାଇବାପାଇଁ ଘରକୁ ଆସିଥିଲ ।

"ବାପା, ମୋ ପାଇଁ ତୁମେ ଏ ବହିଟି ପଢି ପାରିବ କି ?" ଆଇରନ୍ ବୟ୍ ପଚାରିଲା ।

ତା' ବାପା କେବେ ହେଲେ ସ୍କୁଲକୁ ଯାଇ ନଥିଲା । କିନ୍ତୁ ଯୁବ ସୈନ୍ୟବାହିନୀର ଅଳ୍ପବୟସ୍କ ସାଥିମାନଙ୍କ ଠାରୁ କେତୋଟି ପଦ ସେ ଶିଖି ଯାଇଥିଲା । ନଇଁପଡି ସେ ବହିର ଗୋଟିଏ ଧାଡିକୁ ଏକ ଲୟରେ ଚାହିଁ ଥଙ୍ଗେଇ ଥଙ୍ଗେଇ କିନ୍ତୁ ସ୍ପଷ୍ଟ ଭାବରେ ପଢିଲା, "ଚୀନର ସାମ୍ୟବାଦୀ ଦଳ ଓ ସଭାପତି ମାଓ ହେଉଛନ୍ତି ଚୀନ ଜନସାଧାରଣଙ୍କ ମୁକ୍ତିଦାତା ।"

Digitized by srujanika@gmail.com

ମାନବିକ ପ୍ରୟୋଗଶାଳା

ଶିକ୍ଷା ଓ ବିଜ୍ଞାନ..... ଆଜିର ମଣିଷ ହାତରେ ଦୁଇଟି ବଳିଷ୍ଠ ଓ ଯାଦୁକାରୀ କାଉଁରି କାଠି । ଏହାର ପରଶରେ ମଣିଷ ପୃଥିବୀକୁ 'ସ୍ୱର୍ଗ' କରି ଦେଇପାରିବ । କିନ୍ତୁ ଏହି ଚାବିକାଠିକୁ ହାତରେ ଧରି ବି ସେ ଆଜି ଚିନ୍ତାରେ ବୁଡ଼ି ରହିଥିଲା ପରି ମନେ ହେଉଛି । ଏହାର କାରଣ କ'ଣ ? ଏହାର ସଦୁପଯୋଗର ଉପଯୋଗିତା ସେ ବୃହତ୍ ଅର୍ଥରେ ବୁଝିପାରିନାହିଁ । ଏ ଦିଗରେ ଆମ ସମାଜରେ ଯେଉଁ ଭାବ ଓ ରୁଚିର ଅଭାବ ରହିଛି, ତା' ହେଉଛି– *ମାନବିକତା* । ଆମେ ସମସ୍ତେ ଅନୁଭବ କରିଛେ ଯେ, ଜଣେ ମଣିଷର ମାନବିକ ବିଚାରଧାରା ଓ ଆଚରଣ ବି ତା' ଚାରିପାଖରେ ସ୍ୱର୍ଗୀୟ ସୁରଭି ଭରି ଦେଇପାରେ । ଅତଏବ, ଜଣେ ଜଣେ କରି ଅଧିକରୁ ଅଧିକ ସାଥି ଏହି ଭାବକୁ ଆପଣାଇଲେ, ସମାଜ ସଫଳ ହେବାକୁ ବାଧ ହେବ । ଏହି ବିଚାର ଓ ବିଶ୍ୱାସକୁ ପୁଞ୍ଜି କରି ମାନବିକ ପରିବାର ଗୋଟିଏ ତୁଳସୀ ଗଛ ପରି ଶିକ୍ଷା ଓ ବିଜ୍ଞାନର ଅସଲ ମହକକୁ ଖେଳାଇ ଚାଲିଛି ।

ଗଛଟି ଚେର ଧରିଛି ଓଡ଼ିଶାର କେନ୍ଦ୍ରସ୍ଥଳ-ଆଦିବାସୀଙ୍କ ଇଲାକା.... ଫୁଲବାଣୀର ମାଟିଭୂମିରେ । ଏହାର ସ୍ରଷ୍ଟା ହେଉଛନ୍ତି ଅଜଣା, ଅଶୁଣା ଓ ନୀରବ ଭାବରେ ଶିକ୍ଷାର ବିକାଶରେ ଲାଗିଥିବା ଜଣେ ବିପ୍ଳବୀ *ଲୋକଶିକ୍ଷକ* ଓ ଏକ ଆଗ୍ରହୀ ସାଥିଦଳ । ତାଙ୍କ ପାଇଁ ଶିକ୍ଷା, ଶ୍ରେଣୀର ଚାରିକାନ୍ଥ ଭିତରେ ବା ଶୃଙ୍ଖଳା ଡିଗ୍ରୀରେ ଆବଦ୍ଧ ନୁହେଁ । ଏହା ହେଉଛି ମଣିଷ ତିଆରିର ଏକ କାଇଦା.... ଜୀବନକୁ ସରସ, ସୁନ୍ଦର ଓ ରଚନାତ୍ମକ କରିବାର ଏକ କଳା । ତା' ବି ପୁଣି ଶ୍ରେଣୀର କିଛି ପିଲାଙ୍କ ପାଇଁ ନହୋଇ ପୂରା ଇଲାକାଟିରେ ଅସଲ ଶିକ୍ଷା ଓ ବିଜ୍ଞାନର ଏକ ଉପଯୋଗୀ ପରିବେଶ ଗଢ଼ି ତୋଳିବା ଦିଗରେ ଉଦ୍ଦିଷ୍ଟ । ତାଙ୍କର କାମ ଭିତରେ ରହିଛି : ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତାଙ୍କ ରୁଚି ଅନୁସାରେ ଫୁଟି ଉଠିବା ପାଇଁ ଆବଶ୍ୟକୀୟ ଉପାଦାନ ଯୋଗାଇଦେବା, ମାଗଣା ହୋମିଓପାଥି ଚିକିତ୍ସା ମାଧ୍ୟମରେ ଏକ ସାମାଜିକ ସହଯୋଗ ଓ ସମ୍ପର୍କ ବଢ଼ାଇବା, ସମାଜକୁ କଳୁଷିତ କରି ପକାଉଥିବା ରକ୍ଷଣଶୀଳତାର କଳଙ୍କ ବିରୁଦ୍ଧରେ ସ୍ୱର ଉଠାଇବା ଓ ଦଳବଳକୁ ବଢ଼ାଇବା, ଆଜିର ଶିକ୍ଷାର ମୂଳ ଶତ୍ରୁ ଟ୍ୟୁସନ୍ ଓ ଦୁର୍ନୀତିକୁ ବିରୋଧ କରିବା ଏବଂ ସର୍ବୋପରି ବିଜ୍ଞାନର ଅସଲଧାରାକୁ ପ୍ରସାର କରାଇବା ।

ଏହି ଧାରାରେ 'ମାନବିକ' ଏବେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଏକ *ଖୋଲା ପ୍ରୟୋଗଶାଳା* । ଏଥିରେ ରୁଚି ରଖୁଥିବା ଯେ କୌଣସି ସାଥି ଏହାର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଭାଗ ନେଇପାରିବେ ।

Digitized by srujanika@gmail.com

'ମାନବିକ'ର କିଛି ପ୍ରକାଶନ

ଶିକ୍ଷା ସନ୍ଦେଶ

୧. ମୁଁ ଇସ୍କୁଲ ଯିବି.... କୁଆନ୍ ହୁଆ (ଚୀନ୍)
୨. ବାପା ଯେବେ ପିଲା ଥିଲେ.... ଆଲେକ୍‌ଜାଣ୍ଡାର ରସ୍କିନ୍(ଋଷ)
୩. ଦୁଇଶେନ୍.... ଚେଙ୍ଗିଜ୍ ଆଇତ୍ମାତୋଭ(ଋଷ)
୪. ଭଲ ସ୍କୁଲ.... ଜନ୍ ହୋଲ୍ଟ(ଆମେରିକା)
୫. ଶିକ୍ଷକ... ସିଲ୍‌ଭିଆ ଏଷ୍ଟନ୍ ୱାର୍ଣ୍ଣର(ନିଉଜିଲାଣ୍ଡ)
୬. ସବୁ ସମୟରେ ଶିଖିବା.... ଜନ୍ ହୋଲ୍ଟ(ଆମେରିକା)
୭. ପିଲାଙ୍କ ସହ ଆଲୋଚନା.... ଗେରେଥ୍ ବି. ମାଥ୍ୟୁଜ୍(ଆମେରିକା)
୮ ବିପଦ : ସ୍କୁଲ(ସ୍କୁଲ ଓ ଶିକ୍ଷା ସମ୍ପର୍କୀୟ ତର୍କ) (ସୁଇଜରଲାଣ୍ଡ)
୯. ଶିକ୍ଷକ ହବତ ଏମିତି ..... ଗିଜୁଭାଇ (ଭାରତ)
୧୦. ମୋ ଜୀବନ କାହାଣୀ.... ହେଲେନ୍ କେଲେର୍(ଆମେରିକା)

ବିଜ୍ଞାନ ସନ୍ଦେଶ

୧୧. ପ୍ରକୃତି, ବିଜ୍ଞାନ ଓ ସମାଜ (ବିଶ୍ୱ ଏକ କୁଟୁମ୍ବ)
୧୨. ସଢିଏଁ ଢିଇଁବା (ପ୍ରକୃତି ଅଧ୍ୟୟନ କାହାଣୀ)
୧୩. ଏକ ଉଜ୍ଜ୍ୱଳ ସକାଳରେ ଅକାଳ ସନ୍ଧ୍ୟା(ସୂର୍ଯ୍ୟପରାଗ)
୧୪. ଏକ ଅସରା ଯାତ୍ରାର କାହାଣୀ(ମଣିଷର କ୍ରମ ବିବର୍ତ୍ତନ)
୧୫. ମୁଖିଆଙ୍କୁ ଚିଠିଟିଏ (ପରିବେଶର ଡୋରି)
୧୬. ମୋ ବନ୍ଧୁ-ଲିକି... ହାଲ୍‌ଡେନ୍ (ବିଜ୍ଞାନ କାହାଣୀ) (ଯନ୍ତ୍ରସ୍ଥ)
୧୭. ନିଆଁପେଡ଼ି କୁହୁକ
୧୮ ଅଙ୍କ ଯାଦୁକର.... ବେରେମିଜ୍
୧୯. ବୈଦିକ ଗଣିତ
୨୦. ମଜା ଗଣିତ

ଶିଶୁ ସାହିତ୍ୟ

୨୧. ଈଶପ କାହାଣୀ*(ଯନ୍ତ୍ରସ୍ଥ)*
୨୨. ସତ୍ୟବୀର ହରିଶ୍ଚନ୍ଦ୍ର....ଗିଜୁଭାଇ
୨୩. ବିଲେଇଙ୍କ ଶୋଭାଯାତ୍ରା(ଏକ ସଚିତ୍ର ଶିଶୁ କାହାଣୀ)
୨୪. ଗୀତ ବଗିଚା
୨୫. ଗଳ୍ପ ବିଚିତ୍ରା

Digitized by srujanika@gmail.com